ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.65 Bhubaneswar Sunday, April 18, 2021 | ୨୪ତମ ବର୍ଷ ସଂଖ୍ୟା-୬୫ ଭୁବନେଶ୍ୱର, ରବିବାର, ଅପ୍ରେଲ ୧୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍ସ୍ ଗସ୍ତ ସମୟରେ ନ୍ୟୁ ଡେଲରେ କୋଭିଡ୍-୧୯ ପ୍ରସ୍ତୁତି ସମାକ୍ଷା କରିଥିଲେ

ଗ୍ୟାଙ୍ଗଷ୍ଟର ହାଇଦର୍ କରୋନା ପଜିଟିଭ୍ ଚିହ୍ନଟ

ରିମାଣ୍ଡ ସ୍ଥଗିତ, ଚୌଦ୍ୱାର ଜେଲ୍ ର ଆଇସୋଲେସନ ୱାର୍ଡ଼ରେ ରଖାଗଲା

କଟକ, ୧୭।୪(ପି.ଏନ): କଟକ ବଡ଼ ଡ଼ାକ୍ତରଖାନାରୁ ଫେରାର୍ ଗ୍ୟାଙ୍ଗଷ୍ଟର ହାଇଦର୍ ଗିରଫ ପରେ ଆଜି ଠାରୁ ମଙ୍ଗଳାବାଗ ପୋଲିସ ତାକୁ ୭ ଦିନିଆ ରିମାଣ୍ଡରେ ନେବାର ଥିଲା । ହେଲେ ଏଥି ପୂର୍ବରୁ ଗତକାଲି ବିଳମ୍ବିତ ରାତିରେ ହାଇଦରର ଆରଟି-ପିସିଆର ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡିଛି । ହାଇଦର କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାର ରିମାଣ୍ଡକୁ ସ୍ଥଗିତ ରଖାଯାଇଛି । ତାକୁ ଚୌଦ୍ୱାର ଜେଲ୍ ର ଆଇସୋଲେସନ ୱାର୍ଡ଼ରେ ରଖାଯାଇଥିବା ନେଇ କଟକ ଡ଼ିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି । ଏଥି ସହିତ ହାଇଦର ଲିଙ୍କ୍ ରେ ଧରାପଡିଥିବା ଦୁଇ ମହିଳା, ଜଣେ ଯୁବତୀଙ୍କ ସମେତ ୮ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗତକାଲି ଜେରା କରିଥିଲା । ତେବେ ହାଇଦର ସୁସ୍ଥ ହେବା ପରେ ପୁଣି ତାକୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ହାଇଦର ସଂକ୍ରମିତ ଥିବାରୁ ତା ସଂସ୍ପର୍ଶରେ ଆସିଥିବା କେତେକ ପୋଲିସ କର୍ମଚାରୀଙ୍କୁ ମଧ୍ୟ ଆଇସୋଲେସନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ହାଇଦରକୁ ହାଇଦ୍ରାବାଦରୁ ଆଣିବାକୁ ପୋଲିସର ଯେଉଁ ଟିମ୍ ସେଠାକୁ ଯାଇଥିଲା । ଏବଂ ଯେଉଁ ଟିମ୍ ସେଠାରେ ଥିଲା । ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ସ୍ଥଳେ ଅନ୍ୟ ପୋଲିସ କର୍ମଚାରୀ ଯେଉଁମାନେ ଗତକାଲି ହାଇଦରକୁ ଜେରା କରିଥିଲେ, ସେମାନଙ୍କୁ ମଧ୍ୟ ଆଇସୋଲେସନରେ ରଖାଯାଇପାରେ ବୋଲି ସୂଚନା ମିଳିଛି । ପ୍ରକାଶ ଥାଉ କି, କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଥିବା ହାଇଦର ଗତ ୧୦ ତାରିଖରେ ଅପରାହ୍ନରେ କୌଶଳ କ୍ରମେ ସେଠାରୁ ଫେରାର୍ ହୋଇଯାଇଥିଲା । କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ତେଲେଙ୍ଗାନା ପୋଲିସର ସହାୟତାରେ ଗତ ୧୫ ତାରିଖରେ ତେଲେଙ୍ଗାନାର ସଙ୍ଗାରେଡ୍ଡି ଜିଲ୍ଲାରୁ ଗ୍ୟାଙ୍ଗଷ୍ଟର ହାଇଦରକୁ ଗିରଫ କରିବାରେ ସଫଳ ହୋଇଥିଲା । ୧୨୦ ଘଂଟାର ଅପରେସନ ପରେ ପୋଲିସ ତାକୁ ଗିରଫ କରିବାରେ ସଫଳ ହୋଇଥିଲା । ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗତକାଲି ତାକୁ ହାଇଦ୍ରାବାଦରୁ ଭୁବନେଶ୍ୱର ଅଣାଯାଇଥିଲା । ପରେ ତାକୁ କଟକ ସିଟି ଜେଏମଏଫସି କୋର୍ଟରେ ହାଜର କରାଯିବା ସହ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା ମଙ୍ଗଳବାଗ ପୋଲିସ । ତେବେ କୋର୍ଟ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଥିଲେ ।ପ୍ରକାଶ ଥାଉ କି, ଗ୍ୟାଙ୍ଗଷ୍ଟର ହାଇଦର ଫେରାର୍ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୂର୍ବରୁ ୬ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ସେହିପରି ହାଇଦରର ଜଣେ ସହଯୋଗୀ ୟାକୁବକୁ ମଧ୍ୟ ପୋଲିସ ଗିରଫ କରିଛି ।

ଲାଲ କିଲ୍ଲା ହିଂସା : ପୁଣି କ୍ରାଇମବ୍ରାଂଚ ଦ୍ୱାରା ସିଦ୍ଧୁ ଗିରଫ, ମିଳିଲା ଜାମିନ

ନୂଆଦିଲ୍ଲୀ, ୧୭।୪(ପି.ଏନ): ଲାଲ କିଲ୍ଲା ହିଂସା ମାମଲାରେ ତିସ ହଜାରୀ କୋଟରୁ ଦୀପ ସିଦ୍ଧୁ ଜାମିନ ପାଇବା ମାତ୍ରେ ଦିଲ୍ଲୀ ପୋଲିସ ତିହାର ଜେଲକୁ ଯିବା ପରେ ତାଙ୍କୁ ଗିରଫ କରିଥିଲା । ଏଥର ଗିରଫଦାରୀ ପୁରାତତ୍ୱ ବିଭାଗ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଦ୍ୱାରା ଗିରଫ କରାଯାଇଛି । ଏହି ଗିରଫଦାରୀ କ୍ରାଇମବ୍ରାଂଚ ଦ୍ୱାରା ଶନିବାର ଅପରାହ୍ନରେ କରାଯାଇଛି ।ସୂଚନା ଅନୁସାରେ, ଗତ ୨୬ ଜାନୁଆରୀରେ ଲାଲ କିଲ୍ଲାରେ ଟ୍ରାକ୍ଟର ରାଲି ସମୟରେ ହିଂସାକାଣ୍ଡ ଘଟିଥିଲା । ଲାଲକିଲ୍ଲାରେ ପୋଲିସ କର୍ମୀଉପରେ ଆକ୍ରମଣ କରିବା ସହିତ ସେଠାରେ ବହୁତ କ୍ଷତି ପହଂଚାଇଥିଲେ । ଏଠାରେ ହୋଇଥିବା ହିଂସାକାଣ୍ଡ ଘଟଣାକୁ ନେଇ ମାମଲାର ତଦନ୍ତ କ୍ରାଇମ ବ୍ରାଂଚକୁ ହସ୍ତାନ୍ତର କରାଯାଇଥିଲା। ଏହି ମାମଲାରେ ଗତ ଫେବୃୟାରୀ ମାସରେ ଦୀପ ସିଦ୍ଧୁକୁ କ୍ରାଇମବ୍ରାଂଚ ଗିରଫ କରିଥିଲା । ଗିରଫ ପରେ ସମସ୍ତ ପ୍ରକ୍ରିୟା ସହ ତାକୁ ପଚରା ଉଚୁରା କରାଯାଇଲା । ହିଂସା ମାମଲାକୁ ବୁଝାଇବା ପାଇଁ ତାଙ୍କୁ ଲାଲକିଲ୍ଲାକୁ ମଧ୍ୟ ନିଆଯାଇଥିଲା । ଶନିବାର ଦିନ ତିସ ହଜାରୀ କୋଟ ଏହି ମାମଲାରେ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

୧୦ ଦିନରେ ୩ କୋଟି ଟଙ୍କାର ଫାଇନ୍ ଆଦାୟ

ଭୁବନେଶ୍ୱର, ୧୭।୪(ପି.ଏନ): କରୋନା ସଂକ୍ରମଣ ଲାଗି ଓଡିଶା ପୋଲିସ୍ ପକ୍ଷରୁ ଚାଲିଥିବା ସ୍ପେଶାଲ ଡ୍ରାଇଭ୍ ରେ ଗତ ୨୪ ଘଂଟା ମଧ୍ୟରେ ୯୦୩୨ ଜଣଙ୍କ ଠାରୁ ୨୭ ଲକ୍ଷ ୪୦ ହଜାର ୪୦ ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ମାସ୍କ ବ୍ୟବହାର ନକରିବା ଏବଂ ସାମାଜିକ ଦୂରତା ନିୟମ ଉଲ୍ଲଂଘନ ମାମଲାରେ ଏହି ଜୋରିମାନା ଆଦାୟ ହୋଇଥିବା ଓଡିଶା ପୋଲିସ୍ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସ୍ପେଶାଲ ଡ୍ରାଇଭ୍ ର ୧୦ ଦିନ ମଧ୍ୟରେ ମୋଟ ୧୦୧୦୫୭ଙ୍କ ଠାରୁ ୨ କୋଟି ୯୮ ଲକ୍ଷ ୨୧ ହଜାର ୯୯୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଓଡିଶା ପକ୍ଷରୁ ସୂଚନା ଦିଆଯାଇଛି।

କର୍ଫ୍ୟୁ ଓ ସଟ୍‌ଡାଉନ୍ ସମୟରେ ଚାଲିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧୭।୪(ପି.ଏନ): ରାତ୍ରିକାଳୀନ କର୍ଫ୍ୟୁ ଓ ସପ୍ତାହାନ୍ତ ସଟ୍‌ଡାଉନ୍ ସମୟରେ ଶିକ୍ଷାନୁଷ୍ଠାନ ଏବଂ ତତ୍ ସଂପର୍କିତ କାର୍ଯ୍ୟକଳାପ ବିନା କଟକଣାରେ ଜାରି ରହିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ପଷ୍ଟ କରିଛନ୍ତି। କିନ୍ତୁ କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ ହେବ। ସବୁ ଶିକ୍ଷ ପ୍ରତିଷ୍ଠାନକୁ ନିଜ ନିଜ କର୍ମସ୍ଥଳୀ ଓ ପରିସରରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ତିନୋଟି ଜିଲ୍ଲାରେ ଟୀକାକରଣ ସମ୍ପୂର୍ଣ ବନ୍ଦ - ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୪(ପି.ଏନ): ରାଜ୍ୟରେ ୩ଟି ଜିଲ୍ଲା ଝାରସୁଗୁଡ଼ା, ନୂଆପଡ଼ା ଓ କୋରାପୁଟରେ ସମ୍ପୂର୍ଣ୍ଣ ଭାବେ ଟିକା କରଣ ବନ୍ଦ ରହିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେ ଛତିଶଗଡକୁ ଲାଗିଥିବା ୧୦ଟି ଜିଲ୍ଲାର ସହରାଂଚଳରେ ହୋଇଥିବା ସପ୍ତାହନ୍ତ ସଟଡାଉନ ଯୋଗୁ ସେଠାରେ ଟିକାକରଣ ବନ୍ଦ ରଖାଯାଇଛି। ରାଜ୍ୟରେ ଯେତିକି ଟିକା ରହିଛି, ତାହା ଦ୍ୱାରା ୨ରୁ ୩ ଦିନ ଟିକାକରଣ ହୋଇ ପାରିବ ବୋଲି ସେ ସୂଚନା ଦେଇଛନ୍ତି।

ଗୋଟିଏ ଦିନରେ ୩୧୪୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୧୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୪୫୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୩୫୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୯୦୭୭ ରହିଛି । ଆଜି ଚିହ୍ନଟ ହୋଇଥିବା ୩୧୪୪ ଜଣଙ୍କ ମଧ୍ୟରୁ ୧୮୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୨୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୨୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳ ବାଲେଶ୍ୱରରୁ ୨୮ ଜଣ, ବରଗଡ଼ରୁ ୧୫୬ ଜଣ, ଭଦ୍ରକରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୭, କଟକରୁ ୧୪୦ ଜଣ, ଦେବଗଡ ଜିଲ୍ଲାରୁ ୨୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧ ଜଣ, ଗଜପତି ଜିଲ୍ଲାରୁ ୬୭, ଗଞ୍ଜାମରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮ ଜଣ, ଯାଜପୁରରୁ ୭୬ ଜଣ, ଝାରସୁଗୁଡ଼ାରୁ ୧୧୯ ଜଣ, କଳାହାଣ୍ଡିରୁ ୫୩ ଜଣ, କନ୍ଧମାଳ ଜିଲ୍ଲାରୁ ୧୩ ଜଣ. କେନ୍ଦ୍ରାପଡ଼ାରୁ ୧୫ ଜଣ, କେନ୍ଦୁଝରରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୭ ଜଣ, କୋରାପୁଟରୁ ୧୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୮ ଜଣ, ନବରଙ୍ଗପୁରରୁ ୯୬ ଜଣ, ନୟାଗଡ଼ରୁ ୨୯ ଜଣ, ନୂଆପଡ଼ାରୁ ୩୯୫ ଜଣ, ପୁରୀରୁ ୧୨୯ ଜଣ, ରାୟଗଡ଼ାରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪୯ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୫୨୩ ଜଣ ଓ ଷ୍ଟେଟ୍ ପୁଲରୁ ୧୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ମେ ୧୩ରେ ପିପିଲି ଉପନିର୍ବାଚନ : ନୂଆ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୧୭।୪(ପି.ଏନ): ପିପିଲି ଉପନିର୍ବାଚନ ପାଇଁ ସାନି ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ଆସନ୍ତା ମେ ୧୩ ତାରିଖରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ମୃତ୍ୟୁ ଯୋଗୁଁ ଏପ୍ରିଲ ୧୭ ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ପିପିଲି ଉପନିର୍ବାଚନ ପାଇଁ ଏପ୍ରିଲ୍ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୨୬ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ଏପ୍ରିଲ ୨୭ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ହେବ ଏବଂ ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏହାପରେ ମେ ୧୩ ତାରିଖରେ ଭୋଟ୍ ଗ୍ରହଣ । ମେ ୧୮ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ କେବଳ ସମ୍ପୃକ୍ତ ଦଳ ନୂତନ ପ୍ରାର୍ଥୀ ଦେବ। ବିଜେଡି ଓ ବିଜେପି ସମେତ ଅନ୍ୟ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିବ। ଉଲ୍ଲେଖ୍ୟଯୋଗ୍ୟ ଯେ ପିପିଲିର ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କର ଗତବର୍ଷ ଅକ୍ଟୋବରରେ ମୃତ୍ୟୁ ପରେ ଏପ୍ରିଲ୍ ୧୭ ତାରିଖରେ ଉପନିର୍ବାଚନ ହେବାର ଥିଲା। ତେବେ ଏହାର ୨ ଦିନ ପୂର୍ବରୁ ଗତ ଏପ୍ରିଲ୍ ୧୪ ତାରିଖରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କର ମୃତ୍ୟୁ ହୋଇଥିଲା। ନିୟମ ଅନୁଯାୟୀ ପ୍ରାର୍ଥୀଙ୍କ ମୃତ୍ୟୁ ପରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।

ଭୁବନେଶ୍ୱରର ୨୫ଟି ସ୍ଥାନରେ ହେବ ବ୍ଲକିଂ

- ୩ଟି ଜୋନ୍ ରେ ୩ ଡିଏମସିଙ୍କୁ ଦାୟିତ୍ୱ - ରାତି ୮ଟାରୁ ଦୋକାନ ବନ୍ଦ କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୭।୪(ପି.ଏନ): ଆଜିଠାରୁ ଟ୍ୱିନ୍ ସିଟିରେ ନାଇଟ୍ କର୍ଫ୍ୟୁ ଆରମ୍ଭ ହେଉଥିବା ବେଳେ ଯାଂଚ କଡାକଡ କରିବାକୁ ପ୍ରସ୍ତୁତ କରିଛି କମିଶନରେଟ୍ ପୋଲିସ୍। ଭୁବନେଶ୍ୱରରେ ନାଇଟ୍ କର୍ଫ୍ୟୁ ଓ ୧୪୪ ଧାରା ନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି ଯେ ନାଇଟ କର୍ଫ୍ୟୁ ଓ ୧୪୪ ଧାରାକୁ କଡ଼ାକଡ଼ି ଭାବେ ଲାଗୁ ହେବ। କେବଳ ଅତ୍ୟାବଶ୍ୟକ ସେବା ଯଥା ମେଡିକାଲ, ମିଡିଆ, ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଯା'ଆସ ପାଇଁ ଅନୁମତି ମିଳିବ। ସେମାନେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର ଦେଖାଇ ଯାଇପାରିବେ। ରେଳ ଷ୍ଟେସନ ଓ ଏୟାରପୋର୍ଟ ଯାଉଥିବା ପବ୍ଲିକ ଟ୍ରାନ୍ସପୋର୍ଟକୁ ଅନୁମତି ମିଳିବ। ଜରୁରୀ ସ୍ଥିତିରେ ମେଡିକାଲ ଯିବାର ଥିଲେ ତତ୍ ସମ୍ବନ୍ଧୀୟ କାଗଜପତ୍ର ଦେଖାଇବାକୁ ପଡିବ। ଭୁବନେଶ୍ୱରରେ ୨୫ଟି ସ୍ଥାନରେ ବ୍ଲକିଂ ପଏଂଟ କରାଯାଇଛି। ଏହା ବ୍ୟତୀତ ପିସିଆର୍ ଗାଡ଼ି, ପାଟ୍ରୋଲିଂ ଗାଡ଼ି ଓ କର୍ଫ୍ୟୁ ଏନ୍‌ଫୋର୍ସମେଂଟ ଗାଡ଼ି ମୁତୟନ କରାଯାଇଛି। ନାଇଟ୍ କର୍ଫ୍ୟୁ ସମୟରେ ସବୁ ସିନିୟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱରରକୁ ୩ଟି ଜୋନରେ ବିଭକ୍ତ କରାଯାଇ ୩ ଜଣ ଡିଏସ୍‌ପି ପାହ୍ୟା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।ସୁରକ୍ଷା ଦୃଷ୍ଟିରୁ ରାତି ୮ଟାରେ ସମସ୍ତ ଦୋକାନ ବଜାର ବନ୍ଦ କରିବା ଆରମ୍ଭ କରିବାକୁ ଡିସିପି ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଯାହାଫଳରେ ରାତି ୯ଟା ସୁଦ୍ଧା ସମସ୍ତେ ନିଜେ ଘରେ ସୁରକ୍ଷିତ ଭାବେ ପହଂଚି ପାରିବେ।

ଟ୍ୱିନ୍ ସିଟିରେ ନାଇଟ୍ କର୍ଫ୍ୟୁ ସହ ୧୪୪ ଧାରା

ଭୁବନେଶ୍ୱର, ୧୭।୪(ପି.ଏନ): କରୋନା ମହାମାରୀକୁ ଦୃଷ୍ଟିରେ ରଖି ଟ୍ୱିନସିଟିରେ ଆଜି ରାତି ୯ ଟାରୁ ସକାଳ ୫ ଟା ଯାଏଁ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହେଉଛି। ଏହି ସମୟ ମଧ୍ୟରେ ୧୪୪ ଧାରା ମଧ୍ୟ ବଳବତର ରହିବ । ଏହା କଟକ ଓ ଭୁବନେଶ୍ୱର ପାଇଁ ଲାଗୁ କରାଯାଇଥିବା ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ୧୪୪ ଧାରା ଲାଗୁ ହେଉଥିବାରୁ ବିନା କାରଣରେ ବାହାରେ ବୁଲିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କେବଳ ଅତ୍ୟାବଶ୍ୟକୀୟ ସେବା ସହ ଜଡିତ ବ୍ୟକ୍ତିମାନଙ୍କୁ ଯିବାଆସିବା ଲାଗି ଅନୁମତି ମିଳିବ। ସେମାନେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର ଦେଖାଇ ଯାଇପାରିବେ। ସୂଚନା ଅନୁଯାୟୀ କଟକରେ ନାଇଟ୍ କର୍ଫ୍ୟୁ ସମୟରେ ୨୩ଟି ସ୍ଥାନରେ ଚେକିଂ ପୋଷ୍ଟ ହେବ। ଏଥିପାଇଁ ୧୦ ପ୍ଲାଟୁନ ପୁଲିସ ମୁତୟନ ହେବେ। ୬୦ ପୋଲିସ୍ ଅଧିକାରୀ ନିୟୋଜିତ ହେବେ। ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୁବନେଶ୍ୱରରେ ୨୫ଟି ସ୍ଥାନରେ ବ୍ଲକିଂ ପଏଂଟ କରାଯାଇଛି। ଏହା ବ୍ୟତୀତ ପିସିଆର୍ ଗାଡ଼ି, ପାଟ୍ରୋଲିଂ ଗାଡ଼ି ଓ କର୍ଫ୍ୟୁ ଏନ୍‌ଫୋର୍ସମେଂଟ ଗାଡ଼ି ମୁତୟନ କରାଯାଇଛି। ନାଇଟ୍ କର୍ଫ୍ୟୁ ସମୟରେ ସବୁ ସିନିୟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱରରକୁ ୩ଟି ଜୋନରେ ବିଭକ୍ତ କରାଯାଇ ୩ ଜଣ ଡିଏସ୍‌ପି ପାହ୍ୟା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।ଉଲ୍ଲେଖ୍ୟଯୋଗ୍ୟଯେ କରୋନା ସଂକ୍ରମଣ ବୃଦ୍ଧିରେ ବ୍ରେକ୍ ଲଗାଇବାପାଇଁ ରଖି ରାଜ୍ୟ ସରକାର ଶନିବାର ଠାରୁ ୧୦ ଟି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ସହ ସପ୍ତାହାନ୍ତ ଲକଡାଉନ୍ ଘୋଷଣା କରିଥିଲେ। ଏହାସହ ଅନ୍ୟ ୨୦ ଟି ଜିଲ୍ଲାର ସହରାଂଚଳରେ ରାତି ୯ ଟା ଠାରୁ ସକାଳ ୫ଟା ପର୍ଯ୍ୟନ୍ତ କେବଳ ନାଇଟ କର୍ଫ୍ୟୁ ଘୋଷଣା କରିଥିଲେ। ହେଲେ କଟକ ଓ ଭୁବନେଶ୍ୱରରେ କଟକଣା କଡ଼ାକଡ଼ି କରିବା ଲକ୍ଷ୍ୟରେ ନାଇଟ୍ କର୍ଫ୍ୟୁ ସହ ୧୪୪ ଧାରା ଲାଗୁହେବ ।

MAHARISHI PUBLIC SCHOOL
सा विद्या या विमुक्तये

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2

ଟି ଟାଇମ୍

ଶହେ ବର୍ଷ ପରେ କନ୍ୟା ସନ୍ତାନ

ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବରରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବସ୍ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

ପୁରାଣ କାହାଣୀ

ମୃଷାଙ୍କ ମନ୍ଦିର

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଏହି ସହର ରେ ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ରରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ର ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ରର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଦୃଷ୍ଟିହୀନଙ୍କର ଆଶା ବାଡ଼ି



ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

ଥରକେ ୧୦୦

ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକୋ ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକୋ ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

.....ଡ. ସମନ୍ୱୟ ନନ୍ଦ.....

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ

କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା । ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା । ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା । ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ । ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା-୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା । ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣାମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକ ମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ – ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲୂ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ତିଆରି ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ । ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପୀଢୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।

ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା । ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା ।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେତକାରୀ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ । କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା । ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ ।

ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ତାଙ୍କର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲ୍-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି । ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡିବ ।

ପିଲାଙ୍କ ପାଠପଢାରେ ଅଭିଭାବକଙ୍କ ଦାୟିତ୍ୱ

ସନ୍ଧ୍ୟାବେଳେ ମୁଁ ବଜାରରୁ ଫେରୁଥିଲି । ଅଚାନକ ପହଲି ବାବୁ ବାଟରେ ଦେଖାହେଲେ । ହସି ହସି ସେ କହିଲେ "ବହୁ ଦିନ ପରେ ଦେଖା ହେଲା । କ'ଣ ଭଲ ଅଛନ୍ତି ତ ? ମୁଁ କହିଲି ହଁ ଏ "କୋଭିସିଲଡ" ଟିକା ନେଇ ଫେରୁଛି । ମିଳାମିଶା, ଦେଖାଚାହିଁ, ହସଖୁସି ସବୁତ ଛଡେଇ ନେଲା ଏ କରୋନା । ପୁଣି ବି ଦ୍ୱିତୀୟ ଲହର ମାଡି ଆସିଲାଣି । ଦେଖାଯାଉ କ'ଣ ହେଉଛି ?

ପହଲିବାବୁ କହିଲେ ଆଉ ସେ କଥା କୁହନ୍ତୁନି ଆଜ୍ଞା । ବ୍ୟବସାୟ ଯାହା କ୍ଷତିରେ ଚାଲିଛି ଛାଡ । ସବୁଠାରୁ ବଡ କ୍ଷତି ମୋ ଝିଅ ଆଦୌ ପାଠ ପଢୁନି । ବଡଭାଇ ଝିଅ ଡାକ୍ତରି ପାସ କରି ସରକାରୀ ମେଡିକାଲରେ ଚାକିରି କରୁଛି । ହେଲେ ମୋ ଭାଗ୍ୟ ତ ଖରାପ । ମୁଁ ମୋ ଝିଅକୁ ଆମ ଅଞ୍ଚଳର ସବୁଠାରୁ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଆଡମିସନ୍ କରିଥିଲି । ଦୁଇ ଦୁଇଟା ଟ୍ୟୁସନ ମଧ୍ୟ ଯୋଗାଇଦେଇଛି । ହେଲେ ପାଠପଢାଟା ଆଶାନୁରୂପକ ହୋଇପାରୁନି । ମୁଁ କହିଲି ପଇସା ଦେଇ ପାଠ କିଣାଯାଇ ପାରେନା । ଆଉ ସହଜେ ଏ କରୋନା ସମୟରେ ଅନ ଲାଇନ କ୍ଲାସ ଚାଲୁଛି । ସେଥିପାଇଁ ସାରା ବିଶ୍ୱରେ ପିଲାମାନଙ୍କର ପାଠପଢା ଠିକ୍ ଭାବରେ ଚାଲିପାରୁନି ।

ହେଲେ ଆପଣ ଜଣେ ସଚେତନ ଅଭିଭାବକ ଭାବେ ଆପଣ ନିଜେ ନିଷ୍ଠାର ସହିତ କେତେ ସମୟ ଆପଣଙ୍କ କନ୍ୟାପାଇଁ ଦେଇଛନ୍ତି । ଯଦି ଦେଇନାହାନ୍ତି ଆଶା କରିବାଟା ହିଁ ନିରର୍ଥକ । ପହଲିବାବୁ ମୋ ପ୍ରଶ୍ନରେ ଖୁସି ନଥିଲେ । ଆଉ ସେ କହିଲେ ଯେଉଁ ପିତାମାତାମାନେ ମୂର୍ଖ ସେମାନେ କ'ଣ ସେମାନଙ୍କ ପିଲାଙ୍କୁ ପଢାଇପାରନ୍ତି ? ସେମାନେ ଘରେ ରହି ଭଲ ପାଠ ପଢି ବଡ ବଡ ଅଫିସର କେମିତି ହେଉଛନ୍ତି ! ମୁଁ କହିଲି ପାଠପଢା ପାଇଁ ସୁନ୍ଦର ବାତାବରଣ ଆବଶ୍ୟକ । ଆଉ ପାଠ ପଢାଇବାଠାରୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ସବୁଠାରୁ ବଡ କଥା ।

କେତେକ ବିଶ୍ୱପ୍ରସିଦ୍ଧ ଗୁରୁ ସେମାନଙ୍କ ଛାତ୍ରଛାତ୍ରୀ ମାନଙ୍କ ମନରେ ଘୋର ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ଚରିତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ସ୍ୱୟଂସମ୍ପନ୍ନ ମନୁଷ୍ୟ ରୂପେ ଗଢିତୋଳିଥିଲେ । ସେମାନେ ହେଲେ ଗୁରୁ ରାମ ଦାଶ (ଶିବାଜୀ), ଚାଣକ୍ୟ (ଚନ୍ଦ୍ରଗୁପ୍ତ), ରାମକୃଷ୍ଣ ପରମହଂସ (ବିବେକାନନ୍ଦ), ଆରିଷ୍ଟୋଟଲ (ଆଲେକଜାଣ୍ଡାର) ଓ ମାଥୁ ଲେଏର (ଏପିଜେ ଅବଦୁଲ କଲାମ)ଙ୍କୁ ବିଶ୍ୱର ସଫଳତା ଆଣି ଦେଇଥିଲେ ।

ଏପିଜେ ଅବଦୁଲ କଲାମ "ଏ ଉଇଙ୍ଗସ ଅଫ ଫାୟାର"ରେ ଲେଖିଥିଲେ- ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପ୍ରାଇମେରି ଶିକ୍ଷକ 'ମାଥୁ ଲେଏର' ଆଗକୁ ଯିବାର ଦିଗ୍‌ଦର୍ଶନ ଦେଇଥିଲେ । ମହାବୀର ଫୋଗାଟ ରେସିଲଙ୍ଗ ଚମ୍ପିଆନ୍ ହେବାକୁ ଚାହିଁ ଅସଫଳ ହୋଇଥିଲେ । ହେଲେ ସେ ତାଙ୍କ କନ୍ୟାକୁ ଏଭଳି ପ୍ରଶିକ୍ଷଣ ଦେଲେ ଗୀତା ଓ ବବିତା ବିଶ୍ୱପ୍ରସିଦ୍ଧ ରେସଲରର ସୁନାମ ଅର୍ଜନ କରିପାରିଥିଲେ । ଭାରତର ୧୫ ବର୍ଷ ବାଳିକା ପାଇଲଟ୍ ରୂପେ ଆୟେସା ଅଜିଦ ସୁନାମ ଅର୍ଜନ କରିଛନ୍ତି । ଗିନିସ ବୁକ ଅଫ୍ ୱାଲଡ ରେକଡ୍ ଅନୁଯାୟୀ ବିଶ୍ୱର ସବୁଠାରୁ କମ୍ ବର୍ଷର ଡାକ୍ତର ରୂପେ ବାଲ ମୁରାଲି ଅମ୍ବାଟି ମାତ୍ର ୧୮ ବର୍ଷ ବୟସରେ ଏ ସଫଳତା ହାସଲ କରିପାରିଥିଲେ । ତାଙ୍କ ବାପା ତାମିଲନାଡୁର ଭେଲୋରରେ ଇଞ୍ଜିନିଅର ଓ ମା' ଗଣିତ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ସଫଳତା ପାଇଁ ଅମ୍ବାଟି ତାଙ୍କ ବାପା ମା'ଙ୍କୁ ଶ୍ରେୟ ଦିଅନ୍ତି । ତେଣୁ ପହଲିବାବୁ ପାଠପଢା ପାଇଁ କୋଠାଘର, ଏସି ରୁମ, ସୋଫା ସେଟ୍, ଟେଲିଭିଜନ, ମଡନ୍ ବାଇକର ଆବଶ୍ୟକତାଠାରୁ ଶାନ୍ତ ସୁନ୍ଦର କୋଳାହଳମୁକ୍ତ ବାତାବରଣ ଦରକାର । ନିନ୍ଦା ଅପେକ୍ଷା ପ୍ରଶଂସା, ଅନାଦର ଅପେକ୍ଷା ଆଦର । ସମାଲୋଚନା ଅପେକ୍ଷା ପିଲାମାନେ ଏକାନ୍ତରେ ଗଠନମୂଳକ ଆଲୋଚନାକୁ ପସନ୍ଦ କରନ୍ତି । ତେଣୁ ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା, ବଡଲୋକଙ୍କ ଜୀବନି, ଡ୍ରଇଙ୍ଗ ବୁକ୍, କଲର ପେନସିଲ ଆଦି ପିଲାମାନଙ୍କୁ ଯୋଗାଇ ଦିଅନ୍ତୁ । ତା'ସହିତ ତା'ର ସୁବିନିଯୋଗ ପ୍ରତି ଧ୍ୟାନ ଦିଅନ୍ତୁ ।

ଅବସର ସମୟରେ ଚିତ୍ର ଆଙ୍କିବା, ଗଳ୍ପ, କବିତା, ପ୍ରବନ୍ଧ ଲେଖିବାକୁ ପିଲାମାନଙ୍କୁ ପ୍ରେରଣା ଦିଅନ୍ତୁ । ଏତଦ୍‌ବ୍ୟତିତ ସେଗୁଡିକୁ ସମ୍ବାଦପତ୍ରର ଶିଶୁ ସାହିତ୍ୟ ବିଭାଗକୁ ବା ଭିନ୍ନ ଭିନ୍ନ ଶିଶୁ ଓ କିଶୋର ମାଗାଜିନ୍‌କୁ ପଠାନ୍ତୁ । ଏହାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବ । ପିତାମାତାଙ୍କ ଆଚରଣ ଓ ବ୍ୟବହାର ପିଲାମାନଙ୍କ ଉପରେ ବହୁଳ ପ୍ରଭାବ ପକାଏ । ଘର ପରିବେଶକୁ ଗାଳିଗୁଲଜ ଓ ପାଟିତୁଣ୍ଡଠାରୁ ଦୂରେଇ ରଖିବା ଉଚିତ । ଅଭିଭାବକମାନେ ଟିଭିଦେଖା କମ୍ କରି ବିଭିନ୍ନ ବହି ପଢିଲେ ଏକ ଶିକ୍ଷାର ମହଲ ସୃଷ୍ଟି କରିବ । ପିଲାମାନଙ୍କୁ ମଧ୍ୟ ବଡ ଲୋକ ଜୀବନୀ ଓ ସଫଳତାର ମାର୍ଗ ବିଷୟରେ ଜଣାଇବା ଦରକାର । ଏପରି କଲେ ସେମାନଙ୍କର ପଠନ ଓ ଲିଖନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଅନ୍‌ଲାଇନ କ୍ଲାସ ପାଇଁ ବ୍ୟବହୃତ ହେଉଥିବା ମୋବାଇଲ ବ୍ୟବହାର ଅପବ୍ୟବହାର ପ୍ରତି କଡା ନଜର ଦେବା ଉଚିତ । ବିଶେଷ ଧ୍ୟାନ ଦିଅନ୍ତୁ ସର୍ବୋତ୍ତମ ବ୍ୟବହାର ଯେପରି ହୋଇପାରେ ।

ପାଠ ପଢିବାର ମୂଳ ଉଦ୍ଦେଶ୍ୟ ଖାଲି ବଡ ଅଫିସର ନୁହେଁ ଜଣେ ଭଲ ମଣିଷ ହେବା ଦରକାର । ସେଥିପାଇଁ ଚରିତ୍ର ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ସୁନ୍ଦର ମନ ହେଲେ ସୁନ୍ଦର ବ୍ୟବହାର ହେବ । ସୁନ୍ଦର ବ୍ୟବହାର ହେଲେ ସମସ୍ତେ ଆଦର କରିବେ । ସେଥିପାଇଁ କହନ୍ତି-***"ନମ୍ରନ୍ତି ଗୁଣିନା ଜନାଃ/ନମନ୍ତି ଫଳିନା ବୃକ୍ଷା ।"*** ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ପଡିବ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ପଡିବ । ତେଣୁ ଅଭିଭାବକମାନେ ନିଜ ପିଲାମାନଙ୍କ ଭିତରେ ଛୁପି ରହିଥିବା ସୁଗୁଣାବଳୀର ସନ୍ଧାନ କରନ୍ତୁ । ଯଦି ତାହାର ବିକାଶ ହୋଇପାରିବ, ନିଶ୍ଚିତ ଭାବରେ ଆପଣ ଖୁସି ହେବେ । ତେଣୁ ପହିଲେ ଆପଣ ଆପଣଙ୍କ ପିଲାର ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ । ଦେଖିବେ ସଫଳତାର ଶୀର୍ଷରେ ଥିବେ ଆପଣଙ୍କ ପିଲାମାନେ । ନିଶ୍ଚିତ ରୂପେ ଆପଣ ଖୁସି ହେବେ । ତେଣୁ କଥାରେ କହନ୍ତି-ସତ୍‌ଚେଷ୍ଟା ଓ ନିରବଚ୍ଛିନ୍ନ ସାଧନା ସଫଳତା ଆଣିଦେବାରେ ସହାୟକ ହୁଏ ।

ଅକ୍ଷୟ ପଣ୍ଡା, ଆଳି, ଲୋକାପଡା,
ମୋ: ଫୋନ୍-୯୩୩୭୪୯୨୩୦୭

ତୁଳସୀ ଦୁଇ ପତ୍ରରୁ ବାସେ: ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର (ପିଏନ୍)- ଧନୀ ସାଧାରଣତଃ ଦୁଇପ୍ରକାର ଥାଆନ୍ତି । କେତେକ ଧନ ସଂଗ୍ରହ କରି ନିଜର ଓ ନିଜ ପିଲା-ପରିବାର ପାଇଁ ସାଇତି ରଖିଥାନ୍ତି । ଆଉ କେତେକ ନିଜ ଅର୍ଜିତ ଧନକୁ ଅନ୍ୟର ସେବାରେ ବିନିଯୋଗ କରିଥାନ୍ତି । ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ବହୁ ଧନୀଲୋକ ଅଛନ୍ତି । କିନ୍ତୁ ନିଜ ଅର୍ଜିତ ଧନକୁ ସାଧାରଣ ଲୋକଙ୍କ ସେବାରେ ବିନିଯୋଗ କରିବା ଭଳି ହୃଦୟବାନ ଧନୀଲୋକଙ୍କ ସଂଖ୍ୟା କମ୍ । ସନ୍ତୁ (ଶ୍ରଦ୍ଧେୟ ସୁବ୍ରତ ବାଗ୍‌ଚି) ଓ ତା'ର ସହଧର୍ମାଣୀ ବିଶିଷ୍ଟ ଲେଖିକା ସୁସ୍ମିତା ନିସ୍ୱାର୍ଥପର ତ୍ୟାଗର ଯେଉଁ ଉଚ୍ଚ ଆଦର୍ଶ ଦେଖାଇଲେ ତାହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି ଆଜିର ପ୍ରେସ ବାର୍ତ୍ତାରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ କହିଛନ୍ତି । ସେ କହିଛନ୍ତି ଓଡ଼ିଶାରେ ଅତୀତରେ ଯେଉଁ ମହାନ ସହୃଦୟ ବ୍ୟକ୍ତିମାନେ ଜନସେବା ପାଇଁ ତ୍ୟାଗ କରିଛନ୍ତି, ଆଜି ସନ୍ତୁ ଓ ତା'ର ପତ୍ନୀ ଓଡ଼ିଶାରେ କ୍ୟାନସର ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ୩୪୦ କୋଟି ଟଙ୍କା ପ୍ରଦାନ କରି ସେହି ମହାନ ତ୍ୟାଗୀମାନଙ୍କ ମେଳରେ ସାମିଲ ହୋଇଗଲେ । ସୁବ୍ରତଙ୍କ ପରିବାର ସହ ଶ୍ରୀ ପଟ୍ଟନାୟକଙ୍କର ଅନେକ ବର୍ଷର ସମ୍ପର୍କ । ସୁବ୍ରତ ବା ସନ୍ତୁଙ୍କୁ ସେ ସାତ-ଆଠ ବର୍ଷ ବୟସରୁ ଜାଣିଛନ୍ତି । ପିଲାଟି ବେଳୁ ଆଭାସ ମିଳୁଥିଲା ଯେ ଶ୍ରୀ ବାଗ୍‌ଚୀ ଦିନେ ସଫଳତାର ଶୀର୍ଷକୁ ଛୁଇଁବେ । ପିଲାଦିନରୁ ଶାନ୍ତ, ସରଳ ଓ ବିଚାରବନ୍ତ ଥିବା ଶ୍ରଦ୍ଧେୟ ସନ୍ତୁ ଜୀବନରେ ଅନେକ ପ୍ରତିଷ୍ଠା ପାଇବା ସହ ପରୋପକାରୀ ହେବେ ବୋଲି ଯେଉଁ ଆଭାସ ମିଳୁଥିଲା, ତାହା ଆଜି ସତରେ ପରିଣତ ହୋଇଛି । ମାଉସୀ (ସନ୍ତୁଙ୍କ ମା') ଯଥାର୍ଥରେ ଥିଲେ ରତ୍ନଗର୍ଭା । ମାଉସୀଙ୍କ ଆଖିକୁ ଭଲକି ଦେଖାଯାଉନଥିଲେ ମଧ୍ୟ ସେ ପରିବା କାଟି, ରୋଷେଇ କରି ଏପରି ସୁସ୍ୱାଦ ଖାଦ୍ୟ ଶ୍ରଦ୍ଧାରେ ପରସି ଦିଅନ୍ତି ତାହା ଆମମାନଙ୍କ ପାଇଁ ଅଭୁଲା ସ୍ମୃତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ତାଙ୍କର ବଡ଼ ପୁଅ ଦେବୀପ୍ରସାଦ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ । ଅମିତାଭ ଉଚ୍ଚକୋଟୀର ଆଇନଜୀବି ଓ ଯୁବନେତାର ସମ୍ମାନ ପାଇବା ପରେ ସନ୍ୟାସ ଗ୍ରହଣ କରିଥିଲେ । ଅନ୍ୟ ସନ୍ତାନମାନେ ଯେଉଁ ସ୍ଥାନରେ ସୁପ୍ରତିଷ୍ଠିତ । ସବୁ ସେଇ ରତ୍ନଗର୍ଭା ମା'ଙ୍କ ଆଶୀର୍ବାଦର ଫଳ । ଆଜି ଓଡ଼ିଶାରେ ଯେତେବେଳେ କର୍କଟ ବ୍ୟାଧି ଖୁବ ମାରାତ୍ମକ ଭାବେ କାୟା ବିସ୍ତାର କରୁଛି ଏବଂ ଟାଟା କମ୍ପାନୀ ପରି ବୃହତ ଶିଳ୍ପସଂସ୍ଥା କ୍ୟାନସର ହସ୍‌ପିଟାଲ କରିବା ପାଇଁ ପଛଘୁଂଚା ଦେଉଛି, ସେତେବେଳେ ଓଡ଼ିଶାରେ ହସ୍‌ପିଟାଲ ନିର୍ମାଣ ପାଇଁ ସୁବ୍ରତ ଓ ସୁସ୍ମିତା ୩୪୦ କୋଟି ଟଙ୍କା ଦାନ କରିବା ନିଶ୍ଚୟ ଓଡ଼ିଶା ପାଇଁ ଏକ ବଡ଼ ବରଦାନ । ଏଭଳି ଏକ ତ୍ୟାଗୀ ଦମ୍ପତିଙ୍କ ପାଇଁ ଜଣେ ଓଡ଼ିଆ ଭ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଏପ୍ରିଲ୍ ୧୮

ଭୂତଳ ଜଳ ବିଷାକ୍ତ !

ନିକଟଅତୀତରେ ଜଳସଂପଦ ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ଭୂତଳ ଜଳର ବିକାଶ ଓ ପରିଚାଳନା ସମ୍ପର୍କରେ ଉପସ୍ଥାପିତ ରିପୋର୍ଟର ପରିସଂଖ୍ୟାନ କେତେକ ଭୟଙ୍କର ସତ୍ୟକୁ ଲୋକଲୋଚନକୁ ଆଣିଛି । 'ୱାଟର ଏଡ୍' ନାମକ ଏକ ସଂଗଠନର ଗବେଷଣାକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟ ଅନୁସାରେ ଦେଶର ୪୦୦ରୁ ଅଧିକ ଜିଲାରେ ଭୂତଳ ଜଳ କ୍ରମାଗତ ବିଷାକ୍ତ ହୋଇଚାଲିଛି । ସେସବୁ ଜିଲାଗୁଡ଼ିକରେ ପାଣିରେ ଫ୍ଲୋରାଇଡ୍, ଆର୍ସେନିକ, ନାଇଟ୍ରେଟ୍, ଆଇରନ୍, ସୋଡିୟମ୍, କ୍ରୋମିୟମ୍ ଭଳି ପ୍ରାଣଘାତୀ ରାସାୟନିକ ଦ୍ରବ୍ୟ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି । ତେବେ ଏହା ପ୍ରଥମ ଥର ଜଣାପଡ଼ିନାହିଁ । ଏ ନେଇ ଆଗରୁ ମଧ୍ୟ ପରୀକ୍ଷାନିରୀକ୍ଷା ହୋଇଛି; କିନ୍ତୁ ଦୁଃଖର କଥା ଯେ ଏସବୁ ଅଞ୍ଚଳରେ ଏବେ ବି ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା କରାଯାଇନଥିବାରୁ ଲୋକେ ସେହି ବିଷାକ୍ତ ଜଳ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ସେମାନେ ବହୁ ଭୟଙ୍କର ବ୍ୟାଧିରେ ପୀଡ଼ିତ ହେଉଛନ୍ତି । ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଇଲେ କେବଳ ଦାନ୍ତ ନୁହେଁ, ଶରୀରର ହାଡ଼ଗୁଡ଼ିକ ମଧ୍ୟ ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ । ଆର୍ସେନିକ ଥିବା ପାଣି ଦୀର୍ଘ ସମୟ ଧରି ବ୍ୟବହାର କଲେ ଚର୍ମକର୍କଟ, ଫୁସ୍‌ଫୁସ୍ ଓ ବୃକକ୍ ନଷ୍ଟ ଆଦି ରୋଗ ହୋଇଥାଏ । ଯେଉଁ ଅଞ୍ଚଳଗୁଡ଼ିକର ପାଣିରେ ଏସବୁ ରାସାୟନିକ ଦ୍ରବ୍ୟ ମିଶି ରହିଛି, ସେଠାକାର ଲୋକଙ୍କୁ ଦେଖିଲେ ସ୍ଥିତି କେତେ ଭୟଙ୍କର ତାହା ସହଜରେ ଜଣାପଡ଼ିଯାଏ । ଆମ ଦେଶର ଓଡ଼ିଶା ସମେତ ରାଜସ୍ଥାନ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ, ମହାରାଷ୍ଟ୍ର, ବିହାର, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଗୁଜରାଟରେ ଫ୍ଲୋରାଇଡ୍‌ଯୁକ୍ତ ଜଳ ଦ୍ୱାରା ପୀଡ଼ିତ ଲୋକଙ୍କ ସଂଖ୍ୟା ବେଶି । ଆମ ରାଜ୍ୟର ନୂଆପଡ଼ା, କଳାହାଣ୍ଡି, ବାଲେଶ୍ୱର ଆଦି ଜିଲାର କେତେକ ଅଞ୍ଚଳରେ ଲୋକେ ଏପରି ବିଷାକ୍ତ ଜଳ ଦ୍ୱାରା ବିଭିନ୍ନ ରୋଗ ଭୋଗୁଥିବାର ଖବର ପ୍ରତିବର୍ଷ ଆସେ; ମାତ୍ର ସେଥିପ୍ରତି ସରକାର ଯେଭଳି ଧ୍ୟାନ ଦେବା କଥା ଏ ପର୍ଯ୍ୟନ୍ତ ଦେଉନାହାନ୍ତି । ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ଅଢ଼େଇ କୋଟିରୁ ଅଧିକ ଲୋକ ଫ୍ଲୋରାଇଡ୍ ତଥା ଅନ୍ୟ ବିଷାକ୍ତ ରାସାୟନିକ ଦ୍ରବ୍ୟଯୁକ୍ତ ଜଳ ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ପ୍ରଦୂଷିତ ପାଣି ପିଇ ପ୍ରତିବର୍ଷ ହଜାରହଜାର ଶିଶୁଙ୍କ ମୃତ୍ୟୁ ଘଟୁଛି । ଜନସ୍ୱାସ୍ଥ୍ୟ ନେଇ ସରକାର ସର୍ବଦା ଚିନ୍ତିତ ବୋଲି କହୁଥିଲେ ହେଁ ସେଥିରେ ଯେତିକି ଖର୍ଚ୍ଚ କରିବା କଥା, ବଜେଟ୍‌ରେ ସେତିକି ଅର୍ଥ ଦେବାକୁ କୁଣ୍ଠିତ ହୁଅନ୍ତି । ଫଳରେ ସମଗ୍ର ଦେଶରେ ସ୍ୱାସ୍ଥ୍ୟବିଭାଗର ଅବ୍ୟବସ୍ଥା ସମସ୍ତେ ଅଙ୍ଗେ ନିଭାଉଛନ୍ତି । ରୋଗର ଚିକିତ୍ସା ଅପେକ୍ଷା ତା'ର ନିରାକରଣ ବ୍ୟବସ୍ଥା କରିବା ସବୁଠୁ ଭଲ । ବିଭିନ୍ନ ରୋଗର ମୁକାବିଲା କରିବାରେ ଖର୍ଚ୍ଚ କରିବା ଅପେକ୍ଷା ଜଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ଏଭଳି ଉପାୟ ଖୋଜିବାକୁ ପଡ଼ିବ, ଯେପରିକି ଜଳରେ ବିଷାକ୍ତ ରାସାୟନିକ ଦ୍ରବ୍ୟ ମିଶିବ ନାହିଁ । ବର୍ତ୍ତମାନ ବିଭିନ୍ନ କଳକାରଖାନାରୁ ମଧ୍ୟ ବିଷାକ୍ତ ଦ୍ରବ୍ୟ ଯାଇ ପାଣିରେ ମିଶୁଛି ଓ ତା'କୁ ସାଧାରଣ ଲୋକେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଭୂତଳ ଜଳକୁ ପ୍ରଦୂଷଣରୁ ରକ୍ଷା କରିବା ସହ ତା'ର ସୁପରିଚାଳନା କିଭଳି ହୋଇପାରିବ, ତାହା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପ୍ରକାରେ ଯେମିତି ଭୂତଳ ଜଳର ମାତ୍ରାତିରିକ୍ତ ଦୋହନ କରାଯାଉଛି, ତାହା ବନ୍ଦ ହେବା ଆବଶ୍ୟକ । ଦେଶର ଅନେକତ୍ର ଭୂତଳ ଜଳର ପରିମାଣ ମଧ୍ୟ ଚିନ୍ତାଜନକ ଭାବେ ହ୍ରାସ ପାଉଥିବା ରିପୋର୍ଟରେ ପ୍ରକାଶ ପାଇଛି । ୧୯୮୭ ମସିହାରେ ପ୍ରଥମ ଜାତୀୟ ଜଳ ନୀତି ପ୍ରସ୍ତୁତ ହୋଇଥିଲା ଓ ୨୦୦୨ରେ ତା'ର ନୂଆ ସଂସ୍କରଣ ମଧ୍ୟ ତିଆରି କରାଗଲା । ମାତ୍ର ତଦନୁରୂପ ଢାଞ୍ଚାଗତ ବିକାଶ କରାଯାଇ ପାରିନଥିବାରୁ ସମସ୍ତଙ୍କୁ ସ୍ୱଚ୍ଛ ଜଳର ଉପଲବ୍ଧତା ଏବେ ମଧ୍ୟ ସୁନିଶ୍ଚିତ ହୋଇପାରିନାହିଁ । କେନ୍ଦ୍ର ସରକାର ଏବେ ଭୂତଳ ଜଳ ସମ୍ବନ୍ଧରେ ଏକ ମଡେଲ୍ ବିଲ୍ ପ୍ରସ୍ତୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ପଠାଇଛନ୍ତି । ଏଥିରେ ଭୂତଳ ଜଳ ପରିଚାଳନାର ନିୟମକାନୁନ ସହ ବର୍ଷାଜଳ ସଞ୍ଚୟ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ଇତିମଧ୍ୟରେ କେତେକ ରାଜ୍ୟ ଏହି ବିଲ୍‌କୁ ଅନୁସରଣ କରି ଆଇନ ତିଆରି କରିଥିବା ଜଣାପଡ଼ିଛି । ଓଡ଼ିଶା ସରକାର ଏ ନେଇ କ'ଣ କରିଛନ୍ତି, ଆମ ପାଖରେ ନିର୍ଦ୍ଦିଷ୍ଟ ଖବର ନାହିଁ କିମ୍ବା ଯଦି କରିଛନ୍ତି, ତା'ର କାର୍ଯ୍ୟାନ୍ୱୟନ ଆମକୁ ଦିଶୁନାହିଁ । ଆଇନ କରିବାଠାରୁ ତା'କୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ବେଶି ଗୁରୁତ୍ୱପୂର୍ଣ୍ଣ । ସରକାର ଜନସ୍ୱାସ୍ଥ୍ୟକୁ ଯଦି ଗୁରୁତ୍ୱ ଦେବେ, ତା'ହେଲେ ଏହି କାମଟି ତାଙ୍କୁ ଖୁବ୍ ଜରୁରୀ ମନେହେବ । ସ୍ୱଚ୍ଛ ପାନୀୟ ଜଳର ସୁବନ୍ଦୋବସ୍ତ ସହ ଜଳ ପରିଚାଳନା କରିବା ଓ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି କରିବା ସରକାରଙ୍କ କର୍ତ୍ତବ୍ୟ ହେଉ ।

ଆଜିର ଅନୁଚିନ୍ତା

ପାର୍ଥିବ ନୟନକୁ ବନ୍ଦ ନ କଲେ,
ଅପାର୍ଥିବ ନୟନ ଫିଟିବ କିପରି ?

ଅକୃତଜ୍ଞର ଶାସ୍ତି

ସାଧୁ ମହାତ୍ମା ଜଙ୍ଗଲରେ କୁଟୀର ନିର୍ମାଣ କରି ରହୁଥିଲେ । ସ୍ୱଭାବରେ ଥିଲେ ଅତିଶୟ ଦୟାଳୁ, ପରୋପକାରୀ, ଜପତପ ଥିଲା ପ୍ରମୁଖ କାର୍ଯ୍ୟ । ଦିନେ ମହାତ୍ମା ଧ୍ୟାନରେ ବସିଥିବା ସମୟରେ ଏକ ମୂଷିକ ଶାବକ ତାଙ୍କ ଉପରେ ଚଢ଼ି ଡେଇଁବାକୁ ଲାଗିଲା । ସାଧୁଙ୍କର ଧ୍ୟାନ ଭଙ୍ଗ ହେଲା । ଆଖି ଖୋଲି ଦେଖିଲେ ମୂଷିକ ଶାବକକୁ । ଶ୍ରଦ୍ଧାରେ ହାତରେ ଧରି କହିଲେ- ''କ'ଣ ଭାଇ କଥା କ'ଣ ? କିଛି ଅସୁବିଧାରେ ପଡ଼ିଛ କି ? କୁହ ତୁମେ କ'ଣ ଚାହୁଁଛ, ମୁଁ ତୁମକୁ ସାହାଯ୍ୟ କରିବାକୁ ରାଜି ।'' ମୂଷିକ ହାତଯୋଡ଼ି କହିଲା- ମହାତ୍ମନ୍ ! ମୁଁ ଶୁଣିଛି ଆପଣ ସମସ୍ତଙ୍କର କାମନା ପୂରଣ କରିଥା'ନ୍ତି । ମୋର ଛୋଟ ଇଚ୍ଛାଟିଏ କୃପା କରି ପୂରଣ କରନ୍ତୁ । ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଆପଣଙ୍କର ଗୁଣବାନ କରୁଥିବି । ଆପଣଙ୍କ ନିକଟରେ କୃତଜ୍ଞ ରହିବି । ''ହଁ, ହଁ, କହିପାର, ତୁମେ ମୋ'ଠାରୁ କ'ଣ ଚାହୁଁଛ''- ସାଧୁ ମହାତ୍ମା କହିଲେ । ମୂଷିକ କରୁଣ ଭାବରେ କହିଲା- ମହାରାଜ ! ମୁଁ ଏକ କ୍ଷୁଦ୍ର ଜୀବ, ଜଙ୍ଗଲରେ ଅନେକ ବଡ଼ବଡ଼ ଜୀବ ଅଛନ୍ତି । ସେମାନେ ମୋତେ ଦେଖିଲା ମାତ୍ରେ, ବିଶେଷକରି ବିଲେଇ, ଖାଇବା ପାଇଁ ଦୌଡୁଛନ୍ତି । ମୁଁ ବହୁ କଷ୍ଟରେ ସେମାନଙ୍କ କବଳରୁ ନିଜକୁ ରକ୍ଷା କରୁଛି । ସର୍ବଦା ଭୟଭୀତ ଅବସ୍ଥାରେ ରହୁଛି । କୃପାକରି ମୋତେ ବିଲେଇଟିଏ କରି ଦିଅନ୍ତୁ, ମୁଁ ନିର୍ବିଘ୍ନରେ ରହିପାରିବି । ମୂଷିକର ଦୁଃଖଦେଖି ମହାତ୍ମାଙ୍କର ଦୟାହେଲା । ସିଦ୍ଧି ବଳରେ ତାକୁ ବିଲେଇ କରିଦେଲେ । ବିଲେଇ ରୂପରେ କିଛିଦିନ ରହିବାପରେ ମହାତ୍ମା ନିକଟକୁ ପୁଣି ଦିନେ ଆସି ନିଜ ଦୁର୍ଦ୍ଦଶା ବର୍ଣ୍ଣନା କରି ବିଲେଇରୁ କୁକୁର ହେବାପାଇଁ ପ୍ରାର୍ଥନା କଲା । କୁକୁର ହୋଇ କିଛିଦିନ ରହିବା ପରେ ଉଚ୍ଚାଶା କ୍ରମଶଃ ବଢ଼ିବାରେ ଲାଗିଲା । ମନେମନେ ଭାବିଲା, କୁକୁରହୋଇ ରହିବା ଅପେକ୍ଷା ଜଙ୍ଗଲରେ ରାଜା ହୋଇ ରହିବା ଅତି ଭଲ ହେବ । ପୁନଃ ସାଧୁଙ୍କ ନିକଟକୁ ଆସି ନିଜର ଦୁରବସ୍ଥା ଓ ଇଚ୍ଛା ପ୍ରକଟ କଲା । ଦୟାଳୁ ସାଧୁ ଇଚ୍ଛାଅନୁଯାୟୀ ତାକୁ ସିଂହ କରିଦେଲେ । ସାମନ୍ୟ କୁକୁରରୁ ପଶୁରାଜ ସିଂହ ହେବାପରେ ତା'ର ଅହଂକାର ବହୁତ ବଢ଼ିଗଲା । ଦିନେ ସାଧୁ ମହାତ୍ମା ଜଙ୍ଗଲ ମଧ୍ୟ ଦେଇ ଏକ ସ୍ଥାନକୁ ଯାଉଥିଲେ । ରାସ୍ତାରେ ହାବୁଡ଼ିଗଲେ ଆଶୀର୍ବାଦ ବଳରେ ବିଲେଇରୁ ରୂପପରିବର୍ତ୍ତନ କରିଥିବା ସେହି ସିଂହକୁ । ସିଂହଟି ସାଧୁ ମହାତ୍ମାଙ୍କ ବାଟ ଓଗାଳି କହିଲା, ମୁଁ ବହୁତ ଭୋକିଲା ଅଛି । ଆଜି ତୋତେ ଖାଇ ମୋର କ୍ଷୁଧା ଜ୍ୱାଳା ନିବାରଣ କରିବି । ସାଧୁ ମହାତ୍ମା ଯୋଗବଳରେ ସବୁକିଛି ଜାଣିପାରିଲେ । କହିଲେ 'ଆରେ, ତୁ ମୋତେ ଭୁଲିଗଲୁଣି, ଚିହ୍ନି ପାରୁନୁ । ମୁଁ ତ ସେଇ ସାଧୁ ମହାତ୍ମା, ଯିଏ ତୋତେ ସାମାନ୍ୟ ମୂଷାରୁ ସିଂହ କରିଛି । ତୋତେ ଅସୁବିଧାରେ ପଡ଼ିଥିବା ସମୟରେ ସାହାଯ୍ୟ କରିଥିଲି । ଏବେ ତୁ ମୋତେ ଖାଇବାକୁ ଚାହୁଁଛୁ ?' ସିଂହର କିନ୍ତୁ ହିତାହିତ ଜ୍ଞାନ ନଷ୍ଟ ହୋଇଯାଇଥିଲା, ସାଧୁଙ୍କ କଥାର ପ୍ରଭାବ ପଡ଼ି ନଥିଲା । ଅକୃତଜ୍ଞ ହୋଇ ସାଧୁଙ୍କୁ ଖାଇବା ନିମିତ୍ତ ଲମ୍ଫ ପ୍ରଦାନ କଲା । ମହାତ୍ମା ତତ୍‌କ୍ଷଣାତ୍ କମଣ୍ଡଳୁରେ ଥିବା ମନ୍ତ୍ରୁରା ଜଳ ସିଂହ ଉପରେ ପକାଇଦେଲେ, ସିଂହଟି ପୂର୍ବର ସେହି ମୂଷା ପାଲଟିଯାଇ ଆତ୍ମରକ୍ଷା ନିମିତ୍ତ ସେଠାରୁ କ୍ଷିପ୍ର ଗତିରେ ପଳାଇଗଲା । ହଠାତ୍ କେଉଁଆଡୁ ବଣୁଆ ବିରାଡ଼ିଟାଏ ଆସି ମୂଷାର ପଶ୍ଚାତ୍‌ଧାବନ କଲା । କିଛିକ୍ଷଣ ଭିତରେ ମୂଷା ବିଲେଇର ଉଦରସ୍ଥ ହୋଇଗଲା । ଯିଏ ଉପକାରୀର ଉପକାର ଭୁଲିଯାଇ କୃତଘ୍ନ ପାଲଟିଯାଏ, ତା'ର ଅବସ୍ଥା ଠିକ୍ ମୂଷିକ ପରି ହୋଇଥାଏ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ

ଡ. ମନୋରଞ୍ଜନ ମହାନ୍ତି

ଅସାଧାରଣ ଓ ଅନନ୍ୟ ବ୍ୟକ୍ତିତ୍ୱ, ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଆ ଜାତିର ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ । ମାର୍ଚ୍ଚ ୫, ୧୯୧୬ ମସିହାରେ କଟକ ସହରରେ ସେ ଜନ୍ମଗ୍ରହଣ କରିଥିଲେ । କଟକର ସୁନାମଧନ୍ୟ ଓକିଲ ଓ ପରବର୍ତ୍ତୀ ପର୍ଯ୍ୟାୟରେ ମୁନସିଫ ହୋଇଥିବା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଥିଲେ ତାଙ୍କର ପିତା । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଆନ୍ଦୋଳନର ଜଣେ ପୁରୋଧା । ମାତା ଆଶାଲତା ଦେବୀ ବର୍ତ୍ତମାନ ବାଂଲାଦେଶର ଚିଟାଗଙ୍ଗର ଏକ ସ୍ୱାଧୀନତା ସଂଗ୍ରାମ ପରିବାରର କନ୍ୟା ଥିଲେ ଓ ତାଙ୍କ ପରିବାରର ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ମୃତ୍ୟୁବରଣ କରିଥିଲେ । ବିଜୁ ପଟ୍ଟନାୟକ ପିତାମାତାଙ୍କ ଚାରି ସନ୍ତାନମାନଙ୍କ ମଧ୍ୟରେ ଥିଲେ ତୃତୀୟ ସନ୍ତାନ । କଟକର ମିଶନ୍ ସ୍କୁଲରୁ ବିଜୁ ପଟ୍ଟନାୟକ ନିମ୍ନପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ତାଙ୍କ ଶିକ୍ଷା ଉପରେ ପିତା ଲକ୍ଷ୍ମୀନାରାୟଣ ତୀକ୍ଷ୍ଣ ନଜର ରଖିଥିଲେ । ବାଲ୍ୟକାଳରୁ ବିଜୁ ପଟ୍ଟନାୟକ ଥିଲେ ଉଚ୍ଚାକାଂକ୍ଷୀ ଓ ସ୍ୱପ୍ନଦ୍ରଷ୍ଟା । ମିଶନ ସ୍କୁଲରୁ ଶିକ୍ଷା ସମାପ୍ତ ପରେ ବର୍ତ୍ତମାନର ପ୍ରସିଦ୍ଧ ରେଭେନ୍ସା କଲଜିଏଟ ସ୍କୁଲରେ ସେ ନାମ ଲେଖାଇଥିଲେ । ରେଭେନ୍ସା କଲେଜିଏଟ ସ୍କୁଲ ପରେ ସେ ସୁପ୍ରସିଦ୍ଧ ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କଲେ । ରେଭେନ୍ସାରେ ସେ କେବଳ ଜଣେ ଭଲ ଛାତ୍ର ନଥିଲେ ଜଣେ ଉତ୍ତମ କ୍ରୀଡ଼ାବିତ୍ ଥିଲେ । ଫୁଟବଲ ଖେଳ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । ମହାବିଦ୍ୟାଳୟରେ ଫୁଟବଲ୍ ଖେଳି କ୍ରମାଗତ ତିନିବର୍ଷ ଧରି ସେ ଆଥଲେଟ ଚମ୍ପିୟାନ ହେବାର ଗୌରବ ଅର୍ଜନ କରିଥିଲେ । କ୍ରୀଡ଼ା ଜଗତରେ ପୋଲଭୋଲ୍ଟ ପ୍ରଥମେ ଓଡ଼ିଶାରେ ସେ ଆରମ୍ଭ କରି ସେଥିରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୨୨ ମାର୍ଚ୍ଚ ୧୯୨୬ରେ ଗୋପବନ୍ଧୁଙ୍କ ଅନୁରୋଧକ୍ରମେ ମହାତ୍ମାଗାନ୍ଧୀ ଓଡ଼ିଶା ଆସି କଟକରେ ସ୍ୱରାଜ ଆଶ୍ରମରେ ଅବସ୍ଥାନ କରିଥିଲେ । ଏକ ବିରାଟ ପଟୁଆରକୁ ଭେଦ କରି ଦଶବର୍ଷର ବାଳକ ବିଜୁ ପଟ୍ଟନାୟକ ମହାତ୍ମାଗାନ୍ଧୀଙ୍କ ନିକଟକୁ ପହଞ୍ଚିବାକୁ ଚେଷ୍ଟା କଲାବେଳେ ତତ୍କାଳୀନ କଟକ ଜିଲ୍ଲା ପୋଲିସ ଅଧୀକ୍ଷକ ହରଗ୍ରୀଭ ବେତ୍ରାଘାତ କରିବାରୁ ତାଙ୍କ ମୁଣ୍ଡଫାଟି ରକ୍ତ ବୋହିଯାଇଥିଲେ ମଧ୍ୟ ସେ ମହାତ୍ମାଗାନ୍ଧୀଙ୍କୁ ଦର୍ଶନ କରିଥିଲେ । ବିଜୁ ପଟ୍ଟନାୟକ ଥିଲେ ଅଦମ୍ୟ ସାହସିକତାର ପ୍ରତୀକ । ସେ ଥିଲେ ଯୁବକମାନଙ୍କର ପ୍ରେରଣାର ଉତ୍ସ । ଦେଶ ବିଦେଶ ଭ୍ରମଣ ଓ ଦୁଃସାହସିକ ଯାତ୍ରା ଥିଲା ତାଙ୍କର ସ୍ୱତନ୍ତ୍ର ସଉକ । ବିଶ୍ୱଭ୍ରମଣ ଥିଲା ତାଙ୍କର ଲକ୍ଷ୍ୟ । ସେ ନିଜର ଦୁଇ ବାଲ୍ୟ ସାଥୀ ଅମର ଦେଓ ଏବଂ ଭ୍ରମରବର ସାହୁଙ୍କ ସହିତ ୧୯୩୨ ମସିହାରେ ଗ୍ରୀଷ୍ମଦିନେ କଟକ ରେଭେନ୍ସା ମହାବିଦ୍ୟାଳୟରୁ ସୁଦୂର ପାକିସ୍ଥାନର ପେଶୱାର ପର୍ଯ୍ୟନ୍ତ ଦୀର୍ଘ ୪୫୦୦ ମାଇଲ ଦୁଃସାହସିକ ସାଇକେଲ ଯାତ୍ରା କରିଥିଲେ । ଏକମାସରୁ ଊର୍ଦ୍ଧ୍ୱ ବିପଦପୂର୍ଣ୍ଣ ଓ କଣ୍ଟକିତ ପଥ ଅତିକ୍ରମ କରିବା ପରେ ସେମାନେ ଆଧୁନିକ ପାକିସ୍ଥାନର ପେଶୱାରରେ ପହଞ୍ଚିଥିଲେ । ରାସ୍ତାରେ ତାଙ୍କ ଦୁଇ ବନ୍ଧୁ ଥକି ପଡ଼ିଥିଲେ । ସେମାନଙ୍କୁ ଉତ୍ସାହ ଦେଇ ବିଜୁ କହିଥିଲେ ଆରେ ଭାଇ ବାଟରେ ଏପରି ଭାଙ୍ଗି ପଡ଼ିଲେ ହେବ, ଆଗରୁ ଚାଲିଚାଲି ଆସି ଓଡ଼ିଆ ପାଇକମାନେ ଯୁଦ୍ଧ ଜୟ କରୁଥିଲେ ଆଉ ଆମେ ପେଶୱାର ଯାଇପାରିବା ନାହିଁ ! ଏହା ଥିଲା ପଥକ୍ଳାନ୍ତ ଦୁଇ ସାଥୀଙ୍କୁ ତାଙ୍କ ଉତ୍ସାହର ବାଣୀ । ଇଣ୍ଡିଆନ ନ୍ୟାସନାଲ ଏୟାରୱେଜରେ ଚାକିରୀ କରୁଥିବା ବେଳେ କାଶ୍ମୀରର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ଜ୍ଞାନଦେବୀଙ୍କ ସହିତ ବିଜୁ ପଟ୍ଟନାୟକ ପରିଚିତ ହୋଇଥିଲେ । ପରେ ଏହି ସମ୍ପର୍କ ଅତି ନିବିଡ଼ ହେଲା ଏବଂ ୧୯୩୯ରେ ଜ୍ଞାନଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଜ୍ଞାନଦେବୀ ଥିଲେ କାଶ୍ମୀରର ଜଣେ ପ୍ରସିଦ୍ଧ ଶିଳ୍ପପତିଙ୍କ କନ୍ୟା । ପରେ ଓଡ଼ିଶାରେ ଯେତେ ଶିଳ୍ପ ପ୍ରତିଷ୍ଠା ହେଲା ସେସବୁ ପଛରେ ଜ୍ଞାନଦେବୀଙ୍କ ଅବଦାନ ଥିଲା । ତାଙ୍କ ଜୀବନରେ ଜ୍ଞାନଦେବୀ ଥିଲେ ପ୍ରେରଣାର ଉତ୍ସ । କାରଣ ପ୍ରତି ସଫଳ ପୁରୁଷ ପଛରେ ଜଣେ ମହିଳା ଥାଆନ୍ତି ।

ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୪୭ ମସିହାରେ ନୂଆଦିଲ୍ଲୀଠାରେ ଏସୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା । ଦକ୍ଷିଣ ଏସୀୟ ରାଷ୍ଟ୍ରଙ୍କ ସମେତ ଚୀନ, ଜାପାନ ତଥା ବିଭିନ୍ନ ଦେଶର ଉପନିବେଶର ନେତାମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ ନେତାମାନଙ୍କ ପାଇଁ ଅଲଗା ଅଲଗା ଟେବୁଲର ବ୍ୟବସ୍ଥା ହୋଇଥିଲା । ଗାନ୍ଧିଜୀ, ପଣ୍ଡିତ ନେହେରୁ ଓ ଅନ୍ୟ ଭାରତୀୟ ନେତାମାନେ ଗୋଟିଏ ଦେଶର ଟେବୁଲରୁ ଅନ୍ୟ ଦେଶର ଟେବୁଲକୁ ଯାଇ ସମସ୍ତ ଦେଶର ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ସେମାନଙ୍କ ପଛେପଛେ ବିଜୁ ପଟ୍ଟନାୟକ ଯାଉଥା'ନ୍ତି । ଇଣ୍ଡୋନେସିଆ ଟେବୁଲ ନିକଟରେ ସେହି ଦେଶର ପ୍ରତିନିଧି ନେହେରୁଙ୍କୁ କହିଥିଲେ ଡଚ୍‌ମାନଙ୍କ କବଳରୁ ସୁଲତାନ ସାରିୟରଙ୍କୁ କିପରି ଉଦ୍ଧାର କରାଯିବ ! ସବୁ ଶୁଣି ହଁ କିମ୍ବା ନାହିଁ କହିଲେ ନାହିଁ ପଣ୍ଡିତ ନେହେରୁ । କିନ୍ତୁ ବିଜୁ ପଟ୍ଟନାୟକଙ୍କ ଆଡ଼କୁ ବୁଲିପଡ଼ି ଇଣ୍ଡୋନେସୀୟ ପ୍ରତିନିଧିଙ୍କୁ କହିଲେ ଏଠି ଜଣେ ପାଇଲଟ ଅଛନ୍ତି, ତାଙ୍କୁ ପଚାରନ୍ତୁ ସେ ଯଦି ପାରିବେ ! ତା'ପରେ ବିଜୁ ପଟ୍ଟନାୟକଙ୍କୁ କହିଲେ, 'ଇନ୍‌କୋ ଜରା ମଦତ୍ କରୋ ।' ନେହେରୁଙ୍କ ଅନୁରୋଧ ପରେ ବିଜୁ କହିଲେ ମୁଁ ଯାଇ ତାଙ୍କୁ ଉଦ୍ଧାର କରିବି । ଫଳସ୍ୱରୂପ

ଆନନ୍ଦପୁର ଉପଖଣ୍ଡରେ ୨୦ କରୋନା ପଜିଟିଭ୍

ଆନନ୍ଦପୁର: ଆନନ୍ଦପୁର ଉପଖଣ୍ଡରେ ୧୬ତାରିଖ ଦିନ ୨୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ କରୋନା ମହାମାରୀର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବ୍ୟାପୁଥିବା ବେଳେ ଏହାକୁ ନେଇ ସରକାରଙ୍କ ପକ୍ଷରୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ଜନଗହଳିପୂର୍ଣ୍ଣ ସ୍ଥାନ ଠାରୁ ଦୂରେଇ ରହିବା, ସାନିଟାଇଜର ବ୍ୟବହାର କରିବା ଭଳି କରୋନା କଟକଣା ଜାରି କରାଯାଇଛି । କିଛି ମାସ ଧରି ଲୋକମାନଙ୍କ ମଧ୍ୟରେ କରୋନା ଭୟ କମି ଆସୁଥିବା ବେଳେ ପୂନର୍ବାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି । ୧୬ତାରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାରେ ୧୦୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଆନନ୍ଦପୁର ବ୍ଲକର ବେଲବାହାଳିରୁ ୨ଜଣ, ପଞ୍ଚୁପଲ୍ଲୀରୁ ଜଣେ, ଘଷିପୁରା ବ୍ଲକର ବଳରାମପୁରରୁ ୩ଜଣ, ହାଟଡିହି ବ୍ଲକର ଅଁରାରୁ ଜଣେ, ଆଇତିପୁରରୁ ଜଣେ, ଆୟୋରୁ ଜଣେ, ଡଅଁରରୁ ଜଣେ, ହାବଳେଶ୍ୱରରୁ ୨ଜଣ, କଳିଗାଁରୁ ୨ଜଣ, ଆନନ୍ଦପୁର ପୌରପରିଷଦର ୧୨ନଂ ୱାର୍ଡରୁ ଜଣେ, ୧୪ନଂ ୱାର୍ଡରୁ ୩ଜଣ, ଫକୀରପୁରରୁ ୨ଜଣକୁ ମିଶାଇ ଆନନ୍ଦପୁର ଉପଖଣ୍ଡରୁ ମୋଟ୍ ୨୦ଜଣ କରୋନା ପଜିଟିଭ୍ ଚିହ୍ନଟ କରାଯାଇଛି । କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ ନେଇ ରାତ୍ର ୯ଘଟିକା ଠାରୁ ସକାଳ ୫ଘଟିକା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି କରାଯାଇଥିବା ବେଳେ ବିବାହ କାର୍ଯ୍ୟରେ ୫୦ଜଣ, ଅନ୍ତେଷ୍ଟିକ୍ରିୟାରେ ୨୦ଜଣ ସାମିଲ ହୋଇ ପାରିବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭିନ୍ନ ଧାର୍ମିକ, ସାମାଜିକ, ରାଜନୈତିକ ସମାବେଶ ଓ ସଭା ଉପରେ ପ୍ରତିବନ୍ଧକ ଲାଗୁ କରାଯିବା ସହ ସରକାରୀ ଓ ବେସରକାରୀ ମେଡିକାଲ, ପାରା ମେଡିକାଲ, ପୋଲିସ୍ ବିଭାଗ, ଜଳଯୋଗାଣ ବିଭାଗ, ପୌର କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ, ଯୋଗାଣ ବିଭାଗକୁ ବାଦ୍ ଦେଇ ଅନ୍ୟ କାର୍ଯ୍ୟାଳୟରେ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ସରକାରୀ ଅଫିସ୍ କାର୍ଯ୍ୟ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ବାଲିବରୁଆଁ ବିଦ୍ୟାଳୟରେ ଶିକ୍ଷକଙ୍କ ମନମାନୀ, ଜୋତା ବଦଳରେ ତପଲକୁ ନେଇ ଅସନ୍ତୋଷ

ଆନନ୍ଦପୁର: ଘଷିପୁରା ବ୍ଲକ ଅନ୍ତର୍ଗତ ବାଲିବରୁଆଁ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନରେ ଚଞ୍ଚକତା କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଛାତ୍ରଛାତ୍ରୀଙ୍କୁ ବୁଟ୍ ଓ ମୋଜା ଦେବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ କମ୍ ଦାମରେ ଚପଲ ବଣ୍ଟନ କରାଯାଇ ଥିବାରୁ ଏହାକୁ ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ସର୍ବଶିକ୍ଷା ଅଭିଯାନ ଯୋଜନାରେ ପାଠ୍ୟ ଉପକରଣ, ପୋଷାଗ, ଜୋତା, ଖେଳ ଉପକରଣ ଯୋଗାଇ ଦେବାପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିବା ବେଳେ କେତେକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମାନୀ ଯୋଗୁଁ ସରକାରଙ୍କ ଏହି ଅଭିନବ ପ୍ରୟାସ ଭଣ୍ଡୁର ହୋଇଯାଉଥିବା ମନେ ହେଉଛି । ପ୍ରଥମରୁ ୮ମ ଶ୍ରେଣୀ ଯାଏଁ ଥିବା ବାଲିବରୁଆଁ ବିଦ୍ୟାଳୟରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ପ୍ରଧାନଶିକ୍ଷକଙ୍କ ଏପରି ମନମାନୀ ଓ ଲାଭଖୋର ମନୋଭାବ ଯୋଗୁଁ ଅଭିଭାବକଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ନେଇ ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ନଦୁଆଁରେ ଜଳିଗଲା ୧୦ ବଖରା

ଆନନ୍ଦପୁର: ଘଷିପୁରା ବ୍ଲକ ବଳରାମପୁର ପଂଚାୟତ ନଦୁଆଁ ଗ୍ରାମରେ ଆଜି ଦିନ ସାଢେ ଗୋଟାଏ ବେଳେ ଏକ ବାଉଁଶ ବୁଦାରେ ପ୍ରଥମେ ନିଆଁ ଲାଗି ପବନରେ ନିଆଁ ଝୁଲ ଉଡି ଭୟାବହ ଅଗ୍ନିକାଣ୍ଡ ଘଟି ରମେଶ ସାହୁ, ସୁରେଶ ସାହୁ, ଭାଗୀରଥି ସାହୁ, ଅନଙ୍ଗ ନାୟକ, ପନ୍ନଙ୍ଗ ନାୟକ, ପଦ୍ମନାଭ ନାୟକଙ୍କ ୧୦ ବଖରା ଘର ପୋଡି ଯିବା ସହିତ ଘରର ସମସ୍ତ ଆବବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଘଷିପୁରା ଓ ଆନନ୍ଦପୁର ଅଗ୍ନିଶମ ବାହିନୀ ସେଠାରେ ପହଂଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡ ପରେ ବିପନ୍ନ ପରିବାର ବେସାହାରା ହୋଇ ପଡିଛନ୍ତି ।

ବିଜୁବାବୁଙ୍କ ୨୪ତମ ତିରୋଧାନ ଦିବସ ପାଳିତ

କେନ୍ଦୁଝର: କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ପ୍ରବାଦ ପୁରୁଷ ମହାନ ଜନନାୟକ ବିଜୁବାବୁଙ୍କ ୨୪ତମ ତିରୋଧାନ ଦିବସ ପାଳନ ହୋଇଯାଇଛି । ସକାଳ ୮.୩୦ମିନିଟରେ ବିଜୁ ଜନତା ଦଳର କର୍ମୀ ଓ ନେତାଗଣ କେନ୍ଦୁଝର ସହରସ୍ଥ ଥାନାଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ତିରୋଧାନ ଦିବସ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ-ସଭାପତି ସୌମ୍ୟ ଶଙ୍କର ଚକ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ବିଜୁ ଜନତା ଦଳର ଜିଲ୍ଲା ଉପ-ସଭାପତି ପ୍ରମୋଦ ପଟ୍ଟନାୟକ, ବିଜେଡି ଟାଉନ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଦଳର ଜିଲ୍ଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ଦାସ, ବରିଷ୍ଠ ନେତା କାନନ ବିହାରୀ ପହି, ରାଜ୍ୟ ଖଦୀ ବୋର୍ଡ ସଦସ୍ୟା ମୀନା ମାଝୀ, ଛାତ୍ର ନେତା ଆଶିଷ ଆଚାର୍ଯ୍ୟ, ବିଜେଡି ଯୁବ ଜନତା ଦଳର ଜିଲ୍ଲା ଉପ-ସଭାପତି ଜଗଦିଶ ଆପଟ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଝୁମ୍ପୁରା ବ୍ଲକ ସଭାପତି କପିଲ୍ ଆନ୍‌ସାରୀ, ଝୁମ୍ପୁରାରା ଡମ୍ବରୁଧର ଦାସ, ଦେବାଶିଷ ପଟ୍ଟନାୟକ, ବିଧାନ ଚନ୍ଦ୍ର ପ୍ରଧାନ, ଦୀପୁ ପଟ୍ଟନାୟକ, ସଂଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ପରେ ନଗର ଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସଦର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ-ସଭାପତି ସୌମ୍ୟ ଶଙ୍କର ଚକ୍ର, ଆଶିଷ ଆଚାର୍ଯ୍ୟ, ବିଧାନ ପ୍ରଧାନ, ତ୍ରିନାଥ ମହାନ୍ତ, ବାସୁଦେବ ଜେନା, ଦେବାଶିଷ ପରିଡା, ଚିନ୍ମୟ ସାହୁ, ମୁକେଶ ସାହୁ, ଶିଦ୍ଧାର୍ଥ ବେହେରା, ପ୍ରତାପ ପଟ୍ଟନାୟକ, ବିଭୁ ପ୍ରସାଦ ଚକ୍ର, ବାପୁ ପାତ୍ରଙ୍କ ସମେତ ୬୧ଜଣ କର୍ମୀ ଓ କର୍ମକର୍ତ୍ତା ରକ୍ତଦାନ କରିଥିଲେ ।

ଆଉ ୫୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ: ଜିଲ୍ଲାରୁ ଆଉ ୫୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହାଙ୍କୁ ମିଶାଇ ଏବେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭ହଜାର ୮୫୧ ହୋଇଛି । ଏମାନଙ୍କ ମଧ୍ୟରୁ ୭ ହଜାର ୫୪୧ଜଣ ସୁସ୍ଥ ହୋଇସାରିଛନ୍ତି । କେବଳ ୨୮୫ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ନୂଆ ଚିହ୍ନଟଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅଂଚଳରୁ ଜଣେ ଓ ଭଣ୍ଡାରିପୋଖରୀ ପଳିକିରି ଅ ଳରୁ ଜଣେ ଭୁବନେଶ୍ୱରର କିମ୍‌ସ୍ ହସ୍‌ପିଟାଲରେ ଚିହ୍ନଟ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର ଜୟରାମପୁର ଗ୍ରାମରୁ ୨ଜଣ, ପ୍ରାଚୀନଗରରୁ ଜଣେ, ଓଗାଳପୁରରୁ ଜଣେ, ସାବରଙ୍ଗରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ଭଦ୍ରକ ପୌରପାଳିକାର୬ ନଂ ୱାର୍ଡ ମଠସାହିରୁ ୩ଜଣ, ୫ ନଂ ୱାର୍ଡ ଚରମ୍ପାରୁ ଜଣେ, ବାଘମରା ନିଳାଦ୍ରିବିହାରରୁ ୬ଜଣ, ୧୩ ନଂ ୱାର୍ଡ ଅପର୍ତିବନ୍ଧାରୁ ଜଣେ, ଚାନ୍ଦବାଲି ବ୍ଲକ ଓସ୍ତିଆ ଗ୍ରାମରୁ ଜଣେ, ନାନ୍ଦପୁର ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ଖଡିସିଙ୍ଗା ଗ୍ରାମରୁ ୨, ଅରେଇକଣା ଗ୍ରାମରୁ ଜଣେ, ଜୋରଗଡ଼ିଆ ଗ୍ରାମରୁ ଜଣେ, ବଡଶାସନ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ବନ୍ତ ବ୍ଲକର ରଟିଣା, ବଇପରୁ, ଗଣିଜାଙ୍ଗ, ଗୋପିନାଥପୁର, ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବାବେଳେ ଗଡସାହିରୁ ୨ଜଣ, ପାର୍ବତୀପୁରରୁ ୪ଜଣ, ତାଜିପୁରରୁ ୪ଜଣ, ବଡସାହିରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକ ସହିଦନଗର ଗ୍ରାମରୁ ଜଣେ, ଖରାଖାଇ ଗ୍ରାମରୁ ୨ଜଣ, ଜାହାଙ୍ଗିର ଗ୍ରାମରୁ ୨ଜଣ, ତିହଡ଼ି ବ୍ଲକ ନନ୍ଦୋର ଗ୍ରାମରୁ ଜଣେ, ଜୟପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅ ଳର୭ଜଣ ଆକ୍ରାନ୍ତ ଭଦ୍ରକରୁ ଚିହ୍ନଟ ହୋଇଛନ୍ତି ।

ହତ୍ୟା ଉଦ୍ୟମକାରୀ ଦୁଇଭାଇଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା

ଭଦ୍ରକ: ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଦେବଦତ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ଜନିତ ହତ୍ୟା ଉଦ୍ୟମ ମାମଲାର ବିଚାର କରି ତିହିଡି ଥାନା ଅଧୀନସ୍ଥ ବାମନବିନ୍ଧା ଗ୍ରାମର ଗୋବିନ୍ଦ ଦାସଙ୍କ ଅଭିଯୁକ୍ତ ଦୁଇପୁତ୍ର ଝଡିଆ ଓରଫ ସହଦେବ ଓ ଦିବାକରଙ୍କୁ ୩୦୭ ଦଫାରେ ଦୋଷୀ ସାବ୍ୟସ୍ତ କରି ତିନିବର୍ଷ ସଶ୍ରମ କାରାଦଣ୍ଡା ଓ ୨ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଗତ ୨୦୦୦ ମସିହା ଜୁନ୍ ମାସ ୧୪ ତାରିଖରେ ଏହି ଗ୍ରାମର ଜୀବନ ଦାସ ପୀରହାଟ ବଜାରକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କର ପଡୋଶୀ ଦୁଇଭାଇ ଝଡିଆ ଓ ଦିବାକର ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକମାନେ ଅଭିଯୁକ୍ତ ଦୁଇ ଭାଇଙ୍କୁ ଧରିବାର ଉଦ୍ୟମ କରିଥିଲେ ବି ବଡଭାଇ ଝଡିଆ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲା । ମାତ୍ର ସାନଭାଇ ଦିବାକରକୁ ଘଟଣାସ୍ଥଳରୁ କାବୁ କରି ଲୋକେ ପୁଲିସ୍‌ର ଜିମା ଦେଇଥିଲେ । ଗୁରୁତର ଜୀବନ ପ୍ରଥମେ ତିହିଡି ଓ ପରେ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତର ହୋଇ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ । ତାଙ୍କର ଅଭିଯୋଗ କ୍ରମେ ତିହିଡି ଥାନାରେ କେଶ୍ ନଂ ୭୯/୨୦୦୦, ଦଫା ୩୦୭/୩୪ ଆଇପିସି ରେ ଏକ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ଅଭିଯୁକ୍ତ ଦୁଇଭାଇ ଜମିବାଡି ଘଟଣାକୁ ନେଇ ତାଙ୍କୁ ଦୁଇଥର ହତ୍ୟା ଉଦ୍ୟମ କରିବା ସହ ଘରେ ନିଆଁ ଲଗାଇଦେବା ଅଭିଯୋଗରେ ଜେଲ୍‌ରେ ଥିଲେ । ଚାର୍ଜସିଟ୍ ଦାଖଲ ହେବା ପରେ ମାମଲାଟି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତରେ ଏସ୍‌ଟି ନଂ ୭୧/୨୦୦୪-୦୫/୨୦୦୨ ରେ ବିଚାର ହୋଇ ଆଜି ଉପରୋକ୍ତ ରାୟ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଭଦ୍ରକର ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲାଟି ପରିଚାଳନା କରିଥିଲେ ।

ଶ୍ରମିକ ମାନଙ୍କ ହାବୁଡରେ ପଡ ହେଲେ ନାକେଦମ

ଯୋଡା, (ପିଏନ): ଦୀର୍ଘ ବର୍ଷ ଧରି ଟାଟା ପ୍ରଜେକ୍ଟ ଲିଃ (ଟିପିଏଲ୍) ନାମକ ଆନ୍ଧ୍ରପ୍ରଦେଶର ଏକ ଠିକା ସଂସ୍ଥା ଯୋଡାରେ ଥିବା ଟାଟା ଷ୍ଟିଲ କମ୍ପାନୀ ଅଧିନ ଖଣ୍ଡବନ୍ଧ ଲୌହ ଖଣିରେ ବେନିଫିକେସନ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟ ଠିକା ନେଇ କରିଆସୁଥିଲା । ତେବେ କାର୍ଯ୍ୟଟି ସରିଯିବା ପରେ ଶତାଧିକ ଶ୍ରମିକ ଏବଂ ଏହି ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଥିବା ଛୋଟ ଛୋଟ ଠିକାଦାରମାନଙ୍କର ଅର୍ଥ ପୈଠକରିନପାରି ମଙ୍ଗଳବାର ଲୁଚି ପଳାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଶ୍ରମିକ ଓ ଠିକା ସଂସ୍ଥା ମିଳିତ ଭାବେ ଗୋଟିଏ ଟ୍ରକରେ ଅଫିସର ଆସବାବପତ୍ର ବୋଝେଇ ହେଉଥିବା ବେଳେ ଟ୍ରକଟିକୁ ଅଟକ ରଖିଥିଲେ । ଏବଂ ଏଥିରେ ବୋଝେଇ ହୋଇଥିବା ସମସ୍ତ ଆସବାବପତ୍ରକୁ ଓହ୍ଲାଇଦେଇଥିଲେ । ତେବେ ଏହି କମ୍ପାନୀର ଏଚ୍.ଆର.ଭାବେ କାର୍ଯ୍ୟରତ ସତ୍ୟରଞ୍ଜନ ରାଉତଙ୍କୁ ସେମାନେ ଦୀର୍ଘ ସମୟ ଧରି ଘେରାଉ କରିରଖିଥିଲେ । କାର୍ଯ୍ୟାଳୟର ସମସ୍ତ ନଥିପତ୍ର ଚତୁରତାର ସହିତ ଏହି କମ୍ପାନୀ ସ୍ଥାନାନ୍ତରିତ କରିଦେଇଥିବା ବେଳେ କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଆସବାବପତ୍ର ସ୍ଥାନାନ୍ତରିତ କରିପାରିନଥିଲେ । ସୂଚନା ଯୋଗ୍ୟ, ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଶ୍ରମିକମାନଙ୍କର ପି.ଏଫ୍. ଅର୍ଥ ପୈଠ କରିନଥିବା ବେଳେ ଛୋଟ ଛୋଟ ଠିକାଦାରଙ୍କର ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପୈଠନକରି ଲୁଚିପଳାଇବାକୁ ବସିଥିଲା । ଏ ନେଇ ବାରମ୍ବାର ଯୋଡା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି । ତେବେ ଏହି ଟିପିଏଲ୍ ର ମାନବ ସମ୍ବଳ ଅଧିକାରୀ ସତ୍ୟରଞ୍ଜନ ରାଉତ ସୂଚନା ଦେଇଛନ୍ତି ଯେ, ଆଜି ସନ୍ଧ୍ୟା ସୁଦ୍ଧା ଶ୍ରମିକମାନଙ୍କର ସମସ୍ତ ପି.ଏଫ୍. ଅର୍ଥ ପୈଠ କରାଯିବ ଏବଂ ଯେଉଁ ଠିକାଦାରମାନେ ତାଙ୍କର ଜିଏସ୍‌ଟି ପୈଠ କରିଛନ୍ତି ସେମାନଙ୍କ ପ୍ରାପ୍ତ ଆସନ୍ତା ଅକ୍ଟୋବର ମାସ ୭ ତାରିଖରେ ପୈଠ କରାଯିବ ବୋଲି ସୂଚନା ଦେଇଛନ୍ତି । ବାରମ୍ବାର ଏହିପରି ପ୍ରତିଶ୍ରୁତି କମ୍ପାନୀ ଅଧିକାରୀମାନେ ଦେଉଥିବାରୁ ଏହାକୁ ଶ୍ରମିକ ଏବଂ ଠିକାଦାରମାନେ ଭରସା କରିପାରୁନାହାନ୍ତି । ସେମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି ଯେ, ପ୍ରାପ୍ତ ନପାଇବା ପର୍ଯ୍ୟନ୍ତ କୌଣସି ସାମଗ୍ରୀ କିମ୍ବା ଅଧିକାରୀମାନଙ୍କୁ ବାହାରକୁ ଯିବାକୁ ଦେବେନାହିଁ । ଏବଂ ଅଫିସର କୌଣସି ଆବାସ ପତ୍ର ନେବାକୁ ଦିଆଯିବ ନାହିଁ ବୋଲି ଶ୍ରମିକ ଏବଂ ଠିକା ସଂସ୍ଥା କହିଛନ୍ତି ।

ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବା ଲାଗି ଅକ୍ସିଜେନ୍ ଉପଲବ୍ଧତା ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଦେଶରେ ଯଥେଷ୍ଟ ମାତ୍ରାରେ ମେଡିକାଲ ଗ୍ରେଡ୍ ଅକ୍ସିଜେନ୍ ଯୋଗାଣ ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ, ଡିପିଆଇଆଇଟି, ଇସ୍ପାତ, ସଡ଼କ ପରିବହନ ଆଦି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ଜୋର୍ ଦେଇ କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଅକ୍ସିଜେନ ଯୋଗାଣର ବର୍ତମାନ ସ୍ଥିତି ସହିତ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ୧୨ଟି ଅଧିକ ସଂକ୍ରମଣ ଥିବା ରାଜ୍ୟ (ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ, ଉତର ପ୍ରଦେଶ, ଦିଲ୍ଲୀ, ଛତିଶଗଡ଼, କର୍ଣ୍ଣାଟକ, କେରଳ, ତାମିଲନାଡୁ, ପଞ୍ଜାବ, ହରିୟାଣା ଓ ରାଜସ୍ଥାନ)ରେ ଏହାର ଆନୁମାନିକ ଉପଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହିସବୁ ରାଜ୍ୟରେ ଜିଲ୍ଲାସ୍ତରୀୟ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ସୂଚୀତ କରାଯାଇଥିଲା ।ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ରହିଛି ଏବଂ ଆନୁମାନିକ ଚାହିଦାର ବିବରଣୀ ୨୦ ଏପ୍ରିଲ, ୨୫ ଏପ୍ରିଲ ଓ ୩୦ ଏପ୍ରିଲରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି । ତଦନୁସାରେ ୨୦, ୨୫ ଏବଂ ୩୦ ଏପ୍ରିଲରେ ଆନୁମାନିକ ଚାହିଦା ପୂରଣ କରିବା ଲାଗି ଏହି ରାଜ୍ୟଗୁଡ଼ିକୁ ଯଥାକ୍ରମେ ୪୮୮୦ ମେଟ୍ରିକ ଟନ, ୫୬୧୯ ମେଟ୍ରିକ ଟନ ଓ ୬୫୯୩ ମେଟ୍ରିକ ଟନ ଅକ୍ସିଜେନ୍ ଆବଂଟନ କରାଯାଇଛି ।ବୃଦ୍ଧି ପାଉଥିବା ଚାହିଦା ପୂରଣ କରିବା ଲାଗି ଦେଶର ଉତ୍ପାଦନ କ୍ଷମତା ବଢ଼ାଇବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ପ୍ଲାଂଟର କ୍ଷମତା ଅନୁସାରେ ଅକ୍ସିଜେନ ଉତ୍ପାଦନ ବୃଦ୍ଧି ନିମନ୍ତେ ପରାମର୍ଶ ଦେଇଥିଲେ । ଆଲୋଚନା ସମୟରେ, ଷ୍ଟିଲ ପ୍ଲାଂଟରେ ବ୍ୟବହୃତ ଅକ୍ସିଜେନର ବଳକା ଭାଗ ଚିକିତ୍ସା ଉପଯୋଗ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା ।ସାରା ଦେଶରେ ଅକ

ସାତଦିନ ଜୀବିତ ରହିବ ଲିଭର !



ସ୍ୱିଜରଲ୍ୟାଣ୍ଡର ଇଟିଏର କୁରିକ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ ନୂତନ ଟେକ୍ନୋଲୋଜି ଦ୍ୱାରା ଲିଭରରେ ହୋଇଥିବା ତ୍ରୁଟିକୁ ସୁଧାରି ଏହାକୁ ପୁଣି କାର୍ଯ୍ୟକାରୀ କରାଯାଇପାରିବ। ଏହା ବିଭିନ୍ନ ପ୍ରକାର କ୍ୟାନସର ଏବଂ ଲିଭର ରୋଗୀଙ୍କ ଜୀବନ ବ□ାଇବାରେ ସହଯୋଗୀ ସାବ୍ୟସ୍ତ ହେବ। ଏହି ଡିଭାଇସ ସମ୍ପର୍କରେ ନେଚର ବାୟୋଟେକ୍ନୋଲୋଜିରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି। ଏହା ଏକ ଜଟିଳ ପରଫ୍ୟୁଜନ ସିଷ୍ଟମ ଯାହା ସହାୟତାରେ ଅଙ୍ଗକୁ ଶରୀର ଅନୁକୂଳ କାର୍ଯ୍ୟ କରିବାରେ ସହାୟତା ମିଳିଥାଏ। ପରଫ୍ୟୁଜନ ସିଷ୍ଟମ ଜରିଆରେ ରକ୍ତବାହି ନାଳିକାଗୁଡ଼ିକରେ ରକ୍ତ ପ୍ରବାହ ଜାରି ରଖାଯାଇପାରେ। ଇଟିଏଚ୍ ଲୁରିକ୍‌ର ଗବେଷକମାନେ ଏବଂ ଏହି ଅଧ୍ୟୟନର ସହ ଲେଖକ ପିୟରେ ଏଲେନ୍ କ୍ଲେବିନ୍ କହିଛନ୍ତି ଚାରିବର୍ଷ ପରିଶ୍ରମ ପରେ ବ□ମାନ ପରଫ୍ୟୁଜନ ସିଷ୍ଟମ ଏହି ଅବସ୍ଥାରେ ପହ□ିଛି। ଏହାର ସଫଳତା ପଛରେ ସର୍ଜନ, ଜୀବବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କର ଗୋଟିଏ ସମୂହର କଠିନ ପରିଶ୍ରମ ରହିଛି। ଏହି ବ୍ୟବସ୍ଥା ଅଙ୍ଗ ପ୍ରତ୍ୟାରୋପର ଏବଂ କ୍ୟାନସର ଚିକିତ୍ସା କ୍ଷେତ୍ରରେ ନୂତନ କ୍ରାନ୍ତି ଆଣିପାରିବ। ସେ କହିଥିଲେ ଯେ ୨୦୧୫ରେ ଯେତେବେଳେ ଆମେ ଏହି ବ୍ୟବସ୍ଥା ଉପରେ କାମ କରିବା ଆରମ୍ଭ କଲୁ ସେତେବେଳେ ଲିଭରକୁ ମେସିନ ଜରିଆରେ କେବଳ ୧୨ ଘଣ୍ଟା ଜୀବିତ ରଖାଯାଇପାରୁଥିଲା। କିନ୍ତୁ ବ□ମାନ ଏହି ବ୍ୟବସ୍ଥାରେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିବ। ଏହାର ସହାୟତାରେ ଲିଭରରେ ପୂର୍ବରୁ ଥିବା ଆଘାତ ମରାମତି କରିବା ସହ ଏଥିରେ ଜମା ହୋଇଥିବା ଫ୍ୟାଟ୍ ମଧ୍ୟ ସଫା କରାଯାଇପାରିବ। ସେ କହିଥିଲେ ଯେ, ଏହି ଟେକ୍ନୋଲୋଜିର ସୁଫଳ ଦୂରଗାମୀ ଅ□ଳରେ ରହୁଥିବା ଲୋକମାନଙ୍କୁ ବିଶେଷ ଭାବରେ ମିଳିପାରିବ। କାରଣ ଅନେକ ସମୟରେ ଅଙ୍ଗର ପରିବହନରେ ଅଧିକ ସମୟ ଲାଗିଯାଏ। ଯେକୌଣସି ଅଙ୍ଗ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶରୀର ବାହାରେ ଜୀବିତ ରହିପାରେ। ଏହାପରେ ତାର କୋଷଗୁଡ଼ିକ ଉପରେ ପ୍ରଭାବ ପଡ଼େ। ଫଳରେ ଅଙ୍ଗ ପ୍ରତ୍ୟାରୋପଣରେ ବିଳମ୍ବ ହେଲେ ଉକ୍ତ ଅଙ୍ଗ ଖରାପ ହେବା କିମ୍ବା ପ୍ରତ୍ୟାରୋପଣ ହେଲେ କାମ ନକରିବାର ଆଶଙ୍କା ବଢ଼ିଯାଏ। ଇଟିଏଚ୍ ଜୁରିକ୍‌ର

ଗବେଷକମାନେ କହିଛନ୍ତି ଯେ, ଆମର ପରିଯୋଜନା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ମେସିନ୍ ପାଇଁ ଏକ ସାଧାରଣ ଭାଷା ଖୋଜିବା। ଯାହାଦ୍ୱାରା ଚିକିତ୍ସକ ଏବଂ ଇଞ୍ଜିନିୟରମାନଙ୍କ ମଧ୍ୟରେ ଅବିରତ ଯୋଗାଯୋଗ ରକ୍ଷା ହୋଇପାରିବ। ପ୍ରକୃତରେ ଅନେକ ସମୟରେ ମେସିନର ଭାଷା ବୁଝିବା ପାଇଁ ଚିକିତ୍ସକମାନଙ୍କୁ ଭିନ୍ନ ଭାବରେ ଗୋଟିଏ ଶ୍ରେଣୀରେ ସାମିଲ ହେବାକୁ ପଡୁଥିଲା। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମେ ମଝି ମଝିଆ ବାଟ ଖୋଜିଥିଲୁ ଏବଂ ନୂଆ ମେସିନ ପ୍ରସ୍ତୁତ କଲୁ। ଏହି ମେସିନର ଗୁରୁତ୍ୱ ଏଥିରୁ ବୁଝାପଡ଼େ ଯେ ଅଧ୍ୟୟନ ସମୟରେ ଗବେଷକମାନେ ୟୁରୋପର ଅଙ୍ଗ ପ୍ରତ୍ୟାରୋପଣ କେନ୍ଦ୍ରରେ ଯେଉଁ ଲିଭରଗୁଡ଼ିକୁ ଡାକ୍ତରମାନେ ସେଗୁଡ଼ିକର ମାନ ପରୀକ୍ଷା କରି ପ୍ରତ୍ୟାରୋପଣ ଯୋଗ୍ୟ ନୁହେଁ ବୋଲି ଘୋଷଣା କରିଥିଲେ ସେ ମଧ୍ୟରୁ ଛଅଟିକୁ ପରଫ୍ୟୁଜନ ସିଷ୍ଟମ ଜରିଆରେ ପୁଣିଥରେ ପ୍ରତ୍ୟାରୋପଣ ଯୋଗ୍ୟ କରାଯାଇଥିଲା। ତେଣୁ ଆଗାମୀ ଦିନରେ ଏହା ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଏକ ନୂତନ କ୍ରାନ୍ତି ଆଣିବ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଆମ୍ବେଦକର ଜୟନ୍ତୀ ପାଳିତ

କଟକ (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ନଗର ଶାଖା ତରଫରୁ ମହାନ ଜନନାୟକ ସାମାଜିକ ସମରସତାର ପ୍ରବକ୍ତା ଭାରତ ରତ୍ନ ଡ.ଭୀମରାଓ ରାମୋଜୀ ରାଓ ଆମ୍ବେଦକରଙ୍କ ୧୪୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ଉଚ୍ଚନ୍ୟାୟାଳୟ ସନ୍ନିକଟ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଏକ ସଭାର ଆୟୋଜନ ହୋଇଥିଲା । କଟକ ଜିଲ୍ଲା ସଂଘଚାଳକ ବିପିନ ବିହାରୀ ରାଉତ, ଧର୍ମ ଜାଗରଣ ସମନ୍ୱୟର କ୍ଷେତ୍ର ସଂଯୋଜକ ବିନୟ କୁମାର ଭୂୟାଁ, ପ୍ରାନ୍ତ ସଂପର୍କ ପ୍ରମୁଖ ଆଡଭୋକେଟ ସର୍ବେଶ୍ୱର ବେହେରା ତଥା ସଂଘର ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ କୁମର ସାହୁ ମାଲ୍ୟାର୍ପଣ କରିଥିଲେ । କଟକ ନଗର କାର୍ଯ୍ୟବାହ କୁଳମଣି ପ୍ରଧାନ ଡ. ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ର ସଂଗଠନ ସଂପାଦକ ନାରାୟଣ ନାୟକ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ପ୍ରାନ୍ତ ସଂଯୋଜକ ତନ୍ମୟ କୁମାର ଦାଶ, ତପନ କୁମାର ଦାଶ, ଚିତ ରଂଜନ ମହାନ୍ତି ଓ ବିଘ୍ନେଶ୍ୱର ସାଇଁଙ୍କ ସମେତ କଟକର ସ୍ୱୟଂସେବକମାନେ ଅଂଶଗ୍ରହଣ କରିଥିଲେ ।

ବାରୋ ପ□ାୟତର ମନରେଗା ମହାଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାକୁ ସି.ପି.ଆଇ. ଓ ସି.ପି.ଆଇ.(ଏମ) ସମର୍ଥନ କରି ଦଳର କର୍ମକ□ାମାନେ ଧାରଣାସ୍ଥଳରେ ବସିଥିବା ଦେଖାଯାଇଥିଲା। କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ପ୍ରାପ୍ତ ତଥ୍ୟ ଅନୁଯାଇ ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ଯେ ବାରୋ ନବଦୋୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଅଦ୍ୟାବଧି ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାବ୍ୟତିତ ସେହି ପ□ାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଆସୁଛି । ବାରୋ ପ□ାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସିପିଆଇ ଜିଲ୍ଲା ସାଧାରଣ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, ବାବାଜୀ ଧଳ, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି ।

ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

କଟକ (ପିଏନ୍): ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ଚଣ୍ଡିମନ୍ଦିର ମାର୍ଗସ୍ଥିତ ସଂସ୍କୃତି ଭବନଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଣ୍ଡିତ ନୃସିଂହ ଚରଣ ପଣ୍ଡା କହିଲେ ଯେ, ଆମ ପରମ୍ପରା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ୱ ରହିଛି। ଆମ କାଳଗଣନାକୁ ସମ୍ମାନ ଜଣାଇ ଜାନୁଆରି ପହିଲା ବଦଳରେ ଚୈତ୍ର ଶୁକ୍ଳ ପ୍ରତିପଦାକୁ ନବବର୍ଷ ରୂପେ ପାଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମିତିର ସଭାପତି ଡକ୍ଟର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, 'ରାଷ୍ଟ୍ରଦୀପ'ର ସମ୍ପାଦକ ଚିତରଞ୍ଜନ ମହାପାତ୍ର ଆଡ଼ଭୋକେଟ ରାଧେଶ୍ୟାମ ଚିମନକା, ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ସତ୍ୟନାରାୟଣ ମିଶ୍ର କମଲ ଦତ ପ୍ରମୁଖ ଯୋଗଦେଇ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ।

ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ତିହିଡ଼ି (ପିଏନ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୁବେରା ପଂଚାୟତ ଅଧୀନ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁମା' ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା'ମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ।

ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତାପୂଜନ କାର୍ଯ୍ୟ ଦ୍ୱାରା ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ପାଳନ

ବୋଲଗଡ଼ (ପିଏନ୍): ବ୍ଲକ ଶିକ୍ଷା ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତା ପୂଜନ କାର୍ଯ୍ୟ ସମାପନ କରଯାଇଥିବା ବେଳେ ପୂର୍ବାହ୍ନରେ ବୃକ୍ଷରୋପଣ ଓ ଜୈବିକ ସାର ପ୍ରୟୋଗ ଉପାଦେୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତକାର୍ଯ୍ୟକ୍ରମରେ ୬ ଗୋଟି ପଂଚାୟତର ବହୁ କୃଷକ ଓ ଗୋପାଳକ ଯୋଗଦେଇଥିଲେ। ଏଥିରେ ପଂଚବଟୀ ଗୋ-ଅନୁସନ୍ଧାନ କୋଷ୍ଠାର ମୁଖ୍ୟ କମାଲ ଦାସ ଶର୍ମା ଯୋଗଦେଇ ଗୋପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିରଂଚି କୁମାର ସାହୁ ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ।

କଳମଛୁଇଁ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ତାଳଚେର (ପିଏନ୍): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଅନୁଗୋଳ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା,ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ଗିରୀଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଗୈରିକ ଧ୍ୱଜା ଉତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଜେନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡେଗେୱାରଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିବା ସହ ଆଧୁନିକ ଭାରତ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଗୀତାଞ୍ଜଳୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପର୍ଯ୍ୟାୟପ୍ରମୁଖ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ମଳୟ କୁମାର ଦାସ,ବିକାଶ ଚନ୍ଦ୍ର ପ୍ରଧାନ,ଅଜୟ କୁମାର ସାହୁ,ସରସ୍ୱତୀ ସାହୁ,ବୀଣାପାଣି ବାରିକ,ସୁଶ୍ରୀ ତ୍ରୀପାଠୀ,ରଞ୍ଜୁବାଳା ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଉଥିବା ବେଳେ ପୌରାଣିକ ମତାନୁସାରେ ଆଜିର ଦିନରେ ସୃଷ୍ଟିକର୍ତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାସହିତ ମର୍ଯ୍ୟଦା ପୁରୁଷୋତମ ଶ୍ରୀରାମ ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ଆଜିର ଦିନରେ ହୋଇଥିବାରୁ ଏହି ଦିବସଟି ହିନ୍ଦୁମାନଙ୍କ ପାଇଁ ବିଶେଷ ମହତ୍ୱ ରଖିଥାଏ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୧୦୮ ଦୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ

ଅନୁଗୋଳ (ପିଏନ୍): ସନାତନ ସଂସ୍କୃତିର ମାନ୍ୟତାଅନୁସାରେ ଚୈତ୍ରଶୁକ୍ଳ ପ୍ରତିପଦା ଦିନ ସୃଷ୍ଟିର ରଚୟିତା ପରମପିତା ପରମେଶ୍ୱର ଭଗବାନ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନା କରାଯାଇଥିଲା। ଏଣୁ, ଏହିଦିନକୁ ସୃଷ୍ଟିର ଆରମ୍ଭ ଦିବସ କୁହାଯାଏ। ଏହି ତିଥିରେ ଭଗବାନ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧିଷ୍ଠିର ଓ ରାଜା ବିକ୍ରମାଦିତ୍ୟଙ୍କ ମଧ୍ୟ ରାଜ୍ୟାଭିଷେକ ହୋଇଥିବା ନେଇ ପୌରାଣିକ ମତ ରହିଥିବା କୁହାଯାଇଛି। ଏ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ନବବର୍ଷ ପାଳନ କମିଟି ତରଫରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ବାଇଶି ପାହାଚରେ ପ୍ରାତଃ ୫.୩୦ ସମୟରେ ସୂର୍ଯ୍ୟ ପୂଜା ସହିତ ୧୦୮ ଦିପ ପ୍ରଜ୍ଜଳନ କରି ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା । ପରେ ପରେ କରୋନା ମହାମାରୀ କବଳରୁ ସାରା ବିଶ୍ୱକୁ ମୁକ୍ତି ଓ କଲ୍ୟାଣ ଉଦ୍ଦେଶ୍ୟରେ ଅଚ୍ୟୁତ-ଅନନ୍ତ-ଗୋବିନ୍ଦ ସମ୍ପୂର୍ଣ୍ଣ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ପରିଶେଷରେ ବେଦଭବନ ଠାରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ ଯୋଗଦେଇ ଆଜିର ଦିବସରେ ସୂର୍ଯ୍ୟ ପୃଥିବୀ ବକ୍ଷକୁ ଆଲୋକିତ କରିଥିଲେ ବୋଲି କହିଥିବା ବେଳେ ବିଭେଦତା ଭିତରେ ଅଭେଦତାର ଉତ୍‌ଥାନ ହିଁ ସଂସ୍କୃତି ବୋଲି ମତ ପ୍ରକାଶ କରିଥିଲେ। ଆହୁରି ମଧ୍ୟ ଶାସ୍ତ୍ରାନୁମୋଦିତ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ଯାହା ସନାତନ ହିନ୍ଦୁ ଧର୍ମ ବୋଲି ମୁଖ୍ୟ ଅତିଥି ଦୃଢ଼ୋକ୍ତି ବାଢ଼ିଥିଲେ। ମୁଖ୍ୟ ବକ୍ତା ଭାବେ ଆଦିତ୍ୟ ବାହୀନୀ ମହାସଚିବ ପଣ୍ଡିତ ମାତୃ ପ୍ରସ

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡରେ ଗଡ଼ିବ ଅଶୋକଝରି ରଥ

ବାରିପଦା: ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତି ଲାଭ କରିଥିବା ବାରିପଦାରେ ଶ୍ରୀ ଶ୍ରୀ ଜରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ବଡ଼ଦାଣ୍ଡ ୨୦୧୯ ଜୁଲାଇ ୧୪ ପବିତ୍ର ବାହୁଡ଼ା ଯାତ୍ରା ପରେ ନୀରବ ହୋଇଯାଇଥିଲା । ଏହି ନୀରବତାକୁ ଭଙ୍ଗ କରି ଚଳିତ ବର୍ଷ ଏପ୍ରିଲ ୨୦ ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ପୁଣି ଥରେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ଓ ନାମ ସଙ୍କୀର୍ତନ ସହିତ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଭଳି ପରିବେଶ ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରୁକୁଣା ରଥ(ଅଶୋକଝରି) ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ପୁଣି ଥରେ ବଡ଼ଦାଣ୍ଡରେ ଅଶୋକଝରି ରଥ ମାଉସୀ ମା ମନ୍ଦିର ଅଭିମୁଖେ ଗଡ଼ିବାକୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଦେବୋତର ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି ଏବଂ ରଥ ନିର୍ମାଣ ନିମନ୍ତେ ଦେବୋତର ବିଭାଗ ପକ୍ଷରୁ ରଥ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂତ୍ରରୁ ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ, ଗତ ୨୦୨୦ରେ କରୋନା କଟକଣା କାରଣରୁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବଡ଼ଦାଣ୍ଡରେ ମହାପ୍ରଭୂଙ୍କ ପବିତ୍ର ଶ୍ରୀଗୁଣ୍ଡିଚାଯାତ୍ରା ବନ୍ଦ ରହିଥିବା ବେଳେ ମନ୍ଦିର ବେଢ଼ା ମଧ୍ୟରେ ବିନା ଭକ୍ତରେ ସେବାୟତମାନଙ୍କ ଦ୍ୱାରା ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚାଯାତ୍ରା ପାଳିତ ହୋଇଥିଲା । ଏହି ସମୟଠାରୁ ବଡ଼ଦାଣ୍ଡ ନୀରବ ପଡ଼ିଯାଇଥିବା ବେଳେ ଚଳିତ ବର୍ଷ କରୋନା କଟକଣା ଭିତରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଥିବା ଅଶୋକଝରି ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ବର୍ଷ ଏପ୍ରିଲ ୨୦ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେ ବାରିପଦାଙ୍କ ମନ୍ଦିରରୁ ମହାପ୍ରଭୂ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ରଥାରୂଢ଼ ହୋଇ ଅଶୋକବନକୁ ଯାତ୍ରା କରିବାର ପରମ୍ପରା ବା ବିଧି ପାଳିତ ହେବାକୁ ଯାଉଅଛି । ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୂମାନଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହେବାପରେ ପରିଚ୍ଛା ଜିତ୍ ବାବୁ ମହାପ୍ରଭୂଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ତିନି ପୂଜାପଣ୍ଡା ପହଣ୍ଡିରେ ମହାପ୍ରଭୂ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଦେବୀଙ୍କୁ ମନ୍ଦିରର ବେଢ଼ା ପହଣ୍ଡିରେ ଠାକୁରମାନଙ୍କୁ ତିନିଥର ପରିକ୍ରମା କରାଇବା ପରେ ସିଂହଦ୍ୱାର ନିକଟରେ ଅପେକ୍ଷା କରିଥିବା ଅଶୋକଝରି ରଥରେ ରଥାରୂଢ଼ ହେବେ । ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ମନ୍ଦିରର ସେବାୟତମାନେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ସହିତ ହରିବୋଲ ସଂକୀର୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ଶ୍ରୀରାଧାମୋହନ ମନ୍ଦିର(ମାଉସୀ ମା ମନ୍ଦିର) ନିକଟକୁ ଟାଣି ନେବେ । ସେଠାରେ ସମସ୍ତ ସେବାୟତମାନେ ମୟୂରଭଞ୍ଜ ରାଜଦରବାରର ଅମଳରେ ନାମିତ ପୁରୁଣା ବଗସାମଲଗଡ଼(ବର୍ତମାନର ମା ଅମ୍ବିକା ଠାକୁରାଣୀ)ରୁ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଅଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହେବ । ଏହାପରେ ଉକ୍ତ ଅଶୋକ କଢ଼ିକୁ ସର୍ବସାଧାରଣଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯିବ । ପ୍ରକାଶ ଥାଉକି ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସଂଗେ ସଂଗେ ଶରୀର ସମସ୍ତ ରୋଗବୈରାଗ୍ୟରୁ ମୁକ୍ତି ମିଳି ଥାଏ ବୋଲି ବିଶ୍ୱାସ ରହିଆସିଛି । ଶେଷରେ ରାଧାମୋହନ ମନ୍ଦିର ସମ୍ମୁଖରୁ ରଥ ମୋଡ଼ ନେବା ପରେ ପୁଣି ଥରେ ରଥକୁ ବଡ଼ଦାଣ୍ଡରେ ଟାଣାଟାଣି ବଡ଼ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ନିକଟରେ ପହଁଚାଇବା ପରେ ରାତିରେ ସେବାୟତମାନେ ପହଣ୍ଡିରେ ତିନି ଠାକୁରଙ୍କୁ ମନ୍ଦିର ଭିତରକୁ ନେବାର ପରମ୍ପରା ରହିଆସିଛି । ଏଥି ସହିତ ଉକ୍ତ ଅଶୋକଝରି ବା ରୁକୁଣା ରଥକୁ କେବଳ ବାଳକ ବାଳିକାମାନେ ମିଳିମିଶି ଟାଣିବାର ପରମ୍ପରା ରହିଆସିଛି । ତେବେ ଚଳିତ ବର୍ଷ ବିଶ୍ୱମହାମାରୀ କରୋନା କଟକଣା କାରଣରୁ ଶ୍ରଦ୍ଧାଳୁ ବା ଭକ୍ତମାନଙ୍କୁ ସାମିଲ ହେବାକୁ ଅନୁମତି ମିଳିପାରିବ ନାହିଁ ବୋଲି ଦେବୋତର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ସୂତ୍ରରୁ ଜଣାପଡ଼ିଛି ।

କୋଭିଡି ମହାମାରୀ ସତର୍କତା : ରେଳପଥ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କୁ ମନା

ଭୁବନେଶ୍ୱର: ସାଧାରଣ ବ୍ୟକ୍ତିବିଶେଷ ପୂର୍ବତଟ ରେଳପଥ କାର୍ଯ୍ୟାଳୟକୁ ପରିଦର୍ଶନ ନ କରିବାକୁ ମହାପ୍ରବନ୍ଧକ ନିବେଦନ କରିଛନ୍ତି ।କୋଭିଡ -୧୯ ସଂକ୍ରମଣର ବୃଦ୍ଧିକୁ ଦୃଷ୍ଟିରେ ରଖି ରେଳ କାର୍ଯ୍ୟାଳୟ ପରିଦର୍ଶନ ନକରିବାକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି । ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ମଧ୍ୟ ଅନୁରୋଧ କରିଛନ୍ତି ଯେ, ଯେକୌଣସି କାର୍ଯ୍ୟ ସମ୍ପାଦନ ପାଇଁ ସାଧାରଣ ଜନତା ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟ ପରିସର ଆସିବା ପରିବର୍ତେ ଚିଠି, ଇମେଲ, ଫୋନ୍, ଫ୍ୟାକ୍ସ ଦ୍ୱାରା ସେମାନଙ୍କର କାର୍ଯ୍ୟ କରିପାରିବେ । ଏହା ବ୍ୟତୀତ, କୋଭିଡ ପ୍ରୋଟୋକଲ କଡାକଡି ଭାବେ ଅନୁସରଣ କରିବା ସହ ବାଧ୍ୟତାମୂଳକ ଭାବେ ଫେସ୍ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତ୍ୱ ମାନିବା, ବାରମ୍ବାର ହାତ ଧୋଇବା/ସାନିଟାଇଜିଂ କରିବା ଏବଂ ନିୟମ ଅନୁସାରେ ଟୀକା ନେବାକୁ ଶ୍ରୀ ବିଦ୍ୟା ଭୂଷଣ ରେଳବାଇ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ।ଏହା ଦ୍ୱାରା କର୍ମଚାରୀ ମାନେ ସୁରକ୍ଷିତ ରହିବ ସହିତ ସେମାନଙ୍କର ପରିବାର, ରାଷ୍ଟ୍ର ଓ ସମାଜ ଏହି ମହାମାରୀ ସଂକ୍ରମଣରୁ ରକ୍ଷା ପାଇପାରିବ ।

କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣକୁ ନେଇ ନୂଆ ଗାଇଡ ଲାଇନ ଜାରି କଲେ ଜିଲ୍ଲାପାଳ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ରେ ଆଜି କୋରାନା ଆକ୍ରାନ୍ତ ଙ୍କ ସଂଖ୍ୟା ଶେନ୍‌ଚୁରି ଟପି ଥିବା ବେଳେ ଏହାର ମୁକାବିଲା କରିବାକୁ ଜିଲ୍ଲାପାଳ ଙ୍କ ପକ୍ଷରୁ ଜିଲ୍ଲା ରେ ଜାରି ହୋଇଛି କଟକଣା । ଏହା ସହ ଜାରି ହୋଇଛି କରୋନା ସୂଚନା ଲାଗି ନୂଆ ହେଲ୍ପ ଲାଇନ ଫୋନ ନମ୍ବର । ଆଜି ଶୁକ୍ରବାର ଦିନ ଅପରାହ୍ନ ସମୟରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଥିବା ଦରବାର ହଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲାପାଳ କଟକଣା ସମ୍ପର୍କରେ ସୂଚନା ଦେଇଛନ୍ତି । କରୋନା ମହାମାରି କୁ ନେଇ କେହି ଗୁଜବ ରେ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଭୟଭିତ ହୁଅନ୍ତୁ ନାହିଁ ଏବଂ କରୋନା କୁ ନେଇ ଯାହାର ଯଦି କିଛି ସମାସ୍ୟା ରହିଛି ବା ଜାଣିବାକୁ ଅଛି ତେବେ ସେମାନେ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନମ୍ବରରେ ସାହାଯ୍ୟ ନେବାକୁ ଜିଲ୍ଲାପାଳ ଜିଲ୍ଲାବାସୀ ଙ୍କୁ ପରାମର୍ଶ ଦେଇଛନ୍ତି । ଜାରି କରାଯାଇଥିବା ଫୋନ ନମ୍ବର ଗୁଡିକ ହେଲା (୧)—୦୬୭୬୬୨୫ ୫୪୨୬ , (୨)—୦୬୭୬୬୨ ୫୫୪୩୭ , (୩)-୭୬୫୭୦ ୬୬୦୯୯ । ଜିଲ୍ଲା ର ସମସ୍ତ ସହରାଞ୍ଚଳ ଓ ମ୍ୟୁ ନିସିପାଲଟି ଅଂଚଳ ଯଥା କେନ୍ଦୁଝର ପୌରାଚଂଳ ସହ ଯୋଡା , ଆନନ୍ଦପୁର , ଚମ୍ପୁଆ ଆଦି ପୌରାଚଂଳ ଓ ଏନ. ଏ.ସି. ଅଂଚଳରେ ୧୭ ତାରିଖ ଠାରୁ ରାତି ନ ଟା ଠାରୁ ସକାଳ ୫ ଟା ସମୟ ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ ହେବ । ଏହି ସମୟ ମଧ୍ୟରେ କୌଣସି ପ୍ରକାର ର ଶୋଭାଯାତ୍ରା ଆଦି ଆୟୋଜନ ହୋଇପାରବ ନାହିଁ । ସହର ମଧ୍ୟରେ ଥିବା ସମସ୍ତ ହୋଟେଲ , ଦୋକାନ ବଜାର ବନ୍ଦ ରହିବ । କେବଳ ଔଷଧ ଭଳି ଅତ୍ୟାବଶ୍ୟକ ଦୋକାନ ଖୋଲା ରହିବ । ଯାତ୍ରୀ ବାହୀ ଯାନ ବାହାନ ଚଳାଚଳ ଯାରି ରହିବ । ଏହାସହ ବାହାଘର ରେ ୫୦ ରୁ ଅଧିକ ଲୋକ ସାମିଲ ହୋଇପାରିବେ ନାହିଁ କି ଶୁଦ୍ଧି କ୍ରୀୟାରେ ୨୦ ରୁ ଉର୍ଦ୍ଧ ଲୋକ ସାମିଲ ହୋଇପାରିବେ ନାହିଁ । ଏହା ସହ କୋଭିଡ ହସପିଟାଲ ଓ କୋଭ୍‌ଡ କେୟାର ସେନ୍ଟର ରେ ପର୍ଯ୍ୟାପ୍ତ ପରିମାଣ ର ବେଡ ସହ ଆଇସିୟୁ ଭେନ୍ଟିଲେଟର ଓ ଅକ୍ସିଜେନ ବେଡ ପ୍ରସ୍ତୁତ ରହିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହା ସହ ପଂଚାୟତ ରେ ଥିବା ଟିଏମ୍ସି ସେଟଂର କିପରି ପୂର୍ଣ୍ଣ ମାତ୍ରା ରେ ସଜାଗ କରାଯିବ ତାହା ନେଇ ପ୍ରଶାସନିକ ଅଧିକାରୀ ମାନେ ସରପଂଚ ମାନଙ୍କ ସହ ଆଲୋଚନା କରୁଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଆହୁରୁ ମଧ୍ୟ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ଓ ହାତ ଧୋଇବା କୁ ଅଧିକ ଗୁରୁତର ସହ ପାଳନ କରିବାକୁ ଜିଲ୍ଲାବାସୀ ଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏବଂ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅତି ଜରୁରୀ ନ ହେଲେ ଘରୁ ବାହାରନ୍ତୁ ନାହିଁ କି ଜନ ଗହଳି ସ୍ଥାନକୁ ଯାନ୍ତୁ ନାହିଁ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ପରାମର୍ଶ ଦେଇଛନ୍ତି । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଖୋଲାଯାଇଥିବା ରାଙ୍କିସ୍ଥିତ କୋଭିଡ ହସପିଟିଲକୁ ବନ୍ଦ କରିଦିଆ ଯାଇଥିବା ବେଳେ ଏ ବେ କରୋନା ରୋଗୀଙ୍କ ପାଇଁ କେଉଁଠାରେ ହସପିଟାଲ ଖୋଲାଯାଇଛି ଯେଉଁଠାରେ ଡାକ୍ତର , କର୍ମଚାରୀଙ୍କ ସହ ବେଡ , ଭେଟଂଲେଟର ଆଦି ପ୍ରସ୍ତୁତ ହୋଇ ରହିଛି ତାହା ସଂପର୍କରେ ଏବେ ବି ସାଧାରଣରେ ସନ୍ଦେହ ରହିଛି ।

ବ୍ରହ୍ମବରଦାରେ ଶୌଚାଳୟ ପ୍ରତିଷ୍ଠା ଦାବି : ସ୍ୱଚ୍ଛ ଭାରତ ଅଭିଯାନ ଫେଲ

ଧର୍ମଶାଳା: ଯାଜପୁର ଜିଲାରେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନଭାବେ ବେଶ୍ ପରିଚିତ । ଜିଲାର କେନ୍ଦ୍ରସ୍ଥଳ ଭାବେ ପରିଚିତ । ଜାରକା-ବ୍ରହ୍ମବରଦା, ବରୁଆଁ-ବାଲିଚନ୍ଦ୍ରପୁର ସହ ବରୀଙ୍କୁ ସଂଯୋଗ କରୁଥିବା ରାସ୍ତାରେ ଦୈନନ୍ଦିନ ଶହଶହ ଗାଡି ମଟର ଚଳପ୍ରଚଳ କରୁଛି । ଅନ୍ୟପକ୍ଷେ କଟକ,ଭୁବନେଶ୍ୱର,ରାଉରକେଲା,କୋଲକାତା ଆଦି ସ୍ଥାନକୁ ଦିନକୁ ୮ରୁ ଉର୍ଦ୍ଧ ବସ୍ ସେବା ଜାରି ରହିଛି । ଫଳରେ ସ୍ଥାନୀୟ ଅଂଚଳର ବ୍ରହ୍ମବରଦା ସମେତ ରସୁଲପୁର ବ୍ଲକର ମହେଶ୍ୱରପୁର, ଅର୍ଥଙ୍ଗା , ମଙ୍ଗରାଜପୁର, ବନ୍ଧଡିହ , ଯାଜପୁର ବ୍ଲକର ଝାଲପଡା, ରୁଦ୍ରପୁର, ଧର୍ମଶାଳା ବ୍ଲକର ମଙ୍ଗଳପୁର, କୋତପୁର, ଦେଓଦା, ଅରାବଳ, ବରୀ ବ୍ଲକର ଗୋଳକୁଣ୍ଡ ଆଦି ପଂଚାୟତର ଶହଶହ ଲୋକେ ବ୍ୟବସାୟଠାରୁ ଆରମ୍ଭ କରି ଜିଲା ତଥା ଜିଲା ବାହାରକୁ ଯାତାୟତ ପାଇଁ ବ୍ରହ୍ମବରଦା ଉପରେ ନିର୍ଭର କରିଥାନ୍ତି । ଅନେକ ସମୟରେ ଲୋକେ ବସ୍‌କୁ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣସ୍ଥାନରେ ଅପେକ୍ଷା କରିଥାନ୍ତି । ବ୍ରହ୍ମବରଦାସ୍ଥ ତାରିଣୀଛକ ଓ ବ୍ୟାଙ୍କଛକ ଉପରେ ଶହଶହ ଯାତ୍ରୀ ବହୁ ଅପେକ୍ଷା କରିଥାନ୍ତି । କିନ୍ତୁ ଏହାରେ ଶୌଚଳୟଟିଏ ନ ଥିବାରୁ ମହିଳା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି । ଅନେକ ସମୟରେ ମୁହଁ ଲାଜକୁ ଲୁଚାଇ ସର୍ବସାଧାରଣରେ ଶୌଚ କରିବାକୁ ପଛାଏ ନାହିଁ । ଯାହାକି ବିକଶିତ ସରକାରରେ ଏହା ଏକ ବଡ ବିଡାମ୍ବନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦକ୍ଷିଣାଂଚଳ ରାଜସ୍ୱ ଜିଲ୍ଲାର ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକମାନଙ୍କ ବୈଠକ

ଭୁବନେଶ୍ୱର : ଚଳିତ ଆର୍ଥିକ ବର୍ଷ ଠାରୁ ଯୋଜନାରେ ଆବଂଟିତ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ଯୋଜନାର ସଫଳ ରୂପାୟନ ଦିଗରେ ଅଧିକାରୀମାନେ ତତ୍ପରତା ପ୍ରକାଶ କରନ୍ତୁ । ଏଥିସହିତ ୫-'ଟି' ଅନୁସାରେ ସମସ୍ତ ଯୋଜନାକୁ ଠିକ ସମୟରେ ଏବଂ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି କାର୍ଯ୍ୟକାରୀ କରିବା ଏବଂ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ନିର୍ଦ୍ଦେଶାଳୟ ଏବଂ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ କରିବା ପାଇଁ କୃଷି ଓ କୃଷକ ସଶକ୍ତି କରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି ।ଆଜି କୃଷି ଭବନଠାରେ ଆୟୋଜିତ ଦକ୍ଷିଣାଂଚଳ ରାଜସ୍ୱ ଜିଲ୍ଲାର ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକମାନଙ୍କ ବୈଠକରେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଡ. ସାହୁ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାକୁ ସଠିକ୍ ଭାବରେ ରୂପାୟନ କରି ଚାଷୀମାନଙ୍କ ପାଖରେ ଏହାର ସୁଫଳ ପହଂଚାଇବା ପାଇଁ କହିଥିଲେ । ଚାଷୀମାନଙ୍କ ହିତ ନିମନ୍ତେ ଜିଲ୍ଲାରେ ଅଏଲ୍ ପାମ୍ ଯୋଜନାକୁ ତତ୍ପରତାର ସହ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଗଂଜାମ ଜିଲ୍ଲାରେ କିଆ ଫୁଲର ଅଧିକ ଉତ୍ପାଦନ ଓ ଏହାର ବିପଣନ ଦିଗରେ ଅଧିକ ଧ୍ୟାନ ଦେବା ଉପରେ କହିଥିଲେ । ଗଂଜାମ ଜିଲ୍ଲାରେ ନଡ଼ିଆ ଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଅଧିକରୁ ଅଧିକ ନଡ଼ିଆ ଚାରା ଉତ୍ପନ୍ନ କରି ଚାଷୀମାନଙ୍କୁ ଯୋଗାଇଦେବା ପାଇଁ ଅଧିକାରୀମାନଙ୍କୁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ ।ଏତଦ୍‌ବ୍ୟତୀତ ଏହିସବୁ ଜିଲ୍ଲାଗୁଡ଼ିକରେ ପଣସ, ଜାମୁ, ବେଲ, ଅଳା ଆଦିର ବ୍ୟାପକ ଭାବରେ ଉତ୍ପାଦନ ଏବଂ ଏହାର ପ୍ରକ୍ରିୟାକରଣ ଉପରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ, ଯାହାଦ୍ୱାରା ଚାଷୀମାନେ ଲାଭବାନ ହୋଇପାରିବେ । ଏଥିସହିତ ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାରେ ଉତ୍ପାଦିତ ପିଆଜର ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଉପଲବ୍ଧ ସୁବିଧା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ ।ସଂପ୍ରତି ରାଜ୍ୟରେ ଦ୍ୱିତୀୟ ଲହରି କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବା ଦୃଷ୍ଟିରୁ କ୍ଷେତ୍ର ଅଧିକାରୀମାନେ ସମସ୍ତ କୋଭିଡ୍ ସତର୍କତା ପାଳନପୂର୍ବକ କୃଷକମାନଙ୍କ ସେବାରେ ନିୟୋଜିତ ହେବାକୁ କହିଥିଲେ । ବୈଠକ ପ୍ରାରମ୍ଭରେ ଉଦ୍ୟାନ କୃଷି ନଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ଦକ୍ଷିଣାଂଚଳ ରାଜସ୍ୱ ଜିଲ୍ଲାଗୁଡ଼ିକରେ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମତ୍ସ୍ୟଜିବୀଙ୍କୁ ସମୁଦ୍ର ମନା ଚିନ୍ତାରେ ମତ୍ସ୍ୟଜିବୀ ପରିବାର: ପ୍ରଜନନ ସକାଶେ ୨ ମାସ ପାଇଁ ସାମୁଦ୍ରୀକ ମାଛଧରା ବନ୍ଦ

ଭଦ୍ରକ : ସାମୁଦ୍ରୀକ ମାଛଙ୍କ ପ୍ରଜନନ ଋତୁ ଉପନୀତ ହୋଇଥିବା ହେତୁ ରାଜ୍ୟ ସରକାରଙ୍କ ମତ୍ସ୍ୟବିଭାଗ ପକ୍ଷରୁ ଚଳିତମାସ ୧୪ ତାରିଖ ଠାରୁ ଜୁନ ମାସ ୧୪ ତାରିଖ ପର୍ଯ୍ୟନ୍ତ ଦିର୍ଘ୍ୟ ଦୁଇମାସ ପାଇଁ ଗଭୀର ସମୁଦ୍ରରୁ ମାଛ ମାରିବା ଉପରେ କଟକଣା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଗଭୀର ସମୁଦ୍ର ଅଥବା ଏହାର ପାଖ ଆଖ ଅଂଚଳରେ ମାଛ ଧରିବାକୁ ସଂପୂର୍ଣ୍ଣ ଭାବେ ବାରଣ କରାଯାଇଛି । ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ସାମୁଦ୍ରୀକ ମାଛ ଧରା ଏବଂ ଏହାର ବ୍ୟବସାୟ କରି ପେଟପାଟଣା କରୁଥିବା ଭଦ୍ରକ ଜିଲ୍ଲାର ସମୁଦ୍ର ତଟବର୍ତି ବାସୁଦେବପୁର, ଧାମରା, କଶିଆ ଏବଂ ଚୁଡାମଣୀ ପ୍ରଭୁତି ଅଂଚଳର ହଜାର ହଜାର ମତ୍ସଜିବୀ ପରିବାର ଗଭିର ଚିନ୍ତା ପ୍ରକଟ କରିଛନ୍ତି । କେବଳ ମତ୍ସଜିବୀ ପରିବାର ନୁହଁନ୍ତି ଏହି ବ୍ୟବସାୟ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିର୍ଭର କରୁଥିବା ମାଛଧରା ଟ୍ରଲର, ଭୁଟୁଭୁଟି, ଲଂଚ, ମୋଟର ଚାଳିତ ବୋଟ, ମାଛ ପରିବହନକାରୀ ସଂସ୍ଥା, ବରଫକଳ ଏବଂ ମାଛ ଗଦିରେ କାମ କରୁଥିବା ଶ୍ରମିକମାନେ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି । ବିଶେଷଜ୍ଞ ମାନଙ୍କ ମତରେ ଏହି ସମୟରେ ମାଛମାନେ ସମୁହ ଅଣ୍ଡାଦାନ କରୁଥିବା ହେତୁ ସମୁଦ୍ରରେ ମାଛଧ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Bhubaneswar Sunday April 18, 2021 | ଭୁବନେଶ୍ୱର ରବିବାର, ଅପ୍ରେଲ ୧୮,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଧାମରା ନଦୀରେ ହେବ ୧୧୦ କୋଟି ଟଙ୍କାର ଆରଓ-ପ୍ୟାକ୍ସ ଜେଟି ପ୍ରକଳ୍ପ

ନୂଆଦିଲ୍ଲୀ: ସାଗରମାଳା ଯୋଜନା ଅଧୀନରେ ଓଡ଼ିଶାର ଭଦ୍ରକ ଜିଲ୍ଲାର କାଣୀନାଳି ଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆକୁ ସଂଯୋଗ କରୁଥିବା ସବୁଦିନିଆ ଆରଓ-ପ୍ୟାକ୍ସ (ରୋଲ-ଅନ୍/ରୋଲ୍ ଅଫ ଯାତ୍ରୀବାହୀ) ଜେଟି ଏବଂ ଆନୁସଙ୍ଗିକ ଭିତିଭୂମି ନିର୍ମାଣ କରାଯିବ। ଏଥିପାଇଁ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ୫୦.୩୦ କୋଟି ଟଙ୍କା ବ୍ୟୟ କରାଯିବା ଲାଗି ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପ ପାଇଁ ଅତିରିକ୍ତ ୫୦ ପ୍ରତିଶତ ଅର୍ଥ ଓଡ଼ିଶା ସରକାର ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ ପାଇଁ ମୋଟ ୧୧୦.୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାଣୀନାଳି ଏବଂ ତାଳଚୁଆ ଠାରେ ଆରଓ-ପ୍ୟାକ୍ସ ପୋତାଶ୍ରୟ, ପାର୍କିଂ ଅଞ୍ଚଳ ବିକାଶ, ନୌବହନ ସହାୟତା ଓ ଖନନ ଭଳି ଉପଯୋଗିତା ଭିତିଭୂମି ନିର୍ମାଣ ପାଇଁ ଏହି ଅର୍ଥ ବ୍ୟୟ କରାଯିବ। ଏହି ଜଳ ମାର୍ଗ ହେବା ଫଳରେ ପୂର୍ବରୁ ଯେଉଁ ଦୂରତା ଅତିକ୍ରମ କରିବା ଲାଗି ୬ ଘଂଟା ଲାଗୁଥିଲା ତାହା ମାତ୍ର ୧ ଘଂଟାରେ ଅତିକ୍ରମ କରିହେବ। ବର୍ତମାନର ଘାଟରେ ସବୁଦିନିଆ ଆରଓ-ପ୍ୟାକ୍ସ ଜେଟି ନିର୍ମାଣ କରାଯିବା ଫଳରେ ନୌକା, ଲଂଚ ଓ ଅନ୍ୟ ଡଙ୍ଗା ଯାତାୟାତ ପାଇଁ ସୁବିଧା ହେବ। ସେହିପରି ଏକ ସମୟରେ ଦଶଟି ହାଲକା ମୋଟର ଯାନ, ୨୦ଟି ଦୁଇ ଚକିଆ ଓ ୬୦ ଜଣ ଯାତ୍ରୀଙ୍କୁ ପରିବହନ କରିପାରୁଥିବା ବଡ଼ ଯାନ୍ତ୍ରିକ ପୋତ ଚଳାଚଳ ପାଇଁ ଭିତିଭୂମି ନିର୍ମିତ ହୋଇପାରିବ। ଏଥିରେ ଯାତ୍ରୀ ଓ ବାହନର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଧାମରା ନଦୀ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କୁ ପରୋକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ତାଳଚୁଆରୁ ଧାମରା ପର୍ଯ୍ୟନ୍ତ ୨୦୦ କିମି ରାସ୍ତାର ଦୂରତାକୁ ହ୍ରାସ କରିବ।ଭଦ୍ରକ ଜିଲ୍ଲାର କାଣୀନାଳି ଓ କେନ୍ଦ୍ରାପଡ଼ାର ତାଳଚୁଆ ଯଥାକ୍ରମେ ଧାମରା ବନ୍ଦରର ଉତର ଏବଂ ଦକ୍ଷିଣ ତଟରେ ଅବସ୍ଥିତ। ତାଳଚୁଆ ଏବଂ ଏହାର ଆଖପାଖ ଗ୍ରାମର ଲୋକମାନେ ସେମାନଙ୍କର ଜୀବିକା ପାଇଁ ଧାମରା ବନ୍ଦର ଉପରେ ନିର୍ଭର କରିଥାନ୍ତି, ଯାହାକି କାଣିନାଳୀ ଘାଟ ଠାରୁ ୪ କିମି ଦୂରରେ ଅବସ୍ଥିତ। ସଡ଼କ ପଥରେ କୌଣସି ଯୋଗାଯୋଗ ବ୍ୟବସ୍ଥା ନଥିବା କାରଣରୁ ଲୋକମାନଙ୍କୁ କାଣୀନାଳି ଏବଂ ତାଳଚୁଆ ଘାଟରୁ ନଦୀରେ ପାଖାପାଖି ସାତ କିମି ରାସ୍ତା ଡଙ୍ଗାରେ ବସି ପାର ହେବାକୁ ପଡ଼ିଥାଏ। ବର୍ତମାନ ଯାତ୍ରୀମାନେ ଘରୋଇ ଡଙ୍ଗାରେ ଅସୁରକ୍ଷିତ ଭାବେ ଯାତ୍ରା କରୁଛନ୍ତି। ଦୈନିକ ଲଂଚରେ ଗାଡ଼ି ନେଇ ଚଢ଼ିବା ଓ ଓହ୍ଲାଇବା ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅତ୍ୟାଧୁନିକ ଉପଯୋଗ ଭିତ୍ତିଭୂମି ସହିତ ଏହି ପ୍ରକଳ୍ପ ଯାତ୍ରୀ ଓ ବାହନଗୁଡ଼ିକ ସୁରକ୍ଷାକୁ ବୃଦ୍ଧି କରିବ। ଏହି ଯୋଗାଯୋଗ ବ୍ୟବସ୍ଥା ଫଳରେ ବାଣିଜ୍ୟିକ ଓ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ଏହା ଆଖପାଖ ଅଂଚଳରେ ସାମାଜିକ-ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବ।

ଡିଆପଡାରେ ଓଡିଆ ନବବର୍ଷ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିଆପଡା ଗ୍ରାମରେ ବୁଦ୍ଧିଜୀବି ଓ ସଂସ୍କୃତିପ୍ରେମୀ ମାନଙ୍କ ଦ୍ୱାରା ପବିତ୍ର ମହାବିଷୁବ ମିଳନ ଅବସରରେ ଅଷ୍ଟମପ୍ରହରୀ ନାମଯଜ୍ଞ ଓ ମା ଶାରଳାଙ୍କ ଶାରଦୀୟ ଉତ୍ସବ ପ୍ରଭୃତି ପାମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରୀତିନୀତି ଅନୁଯାଇ ପାଳିତ ହୋଇଯାଇଛି । ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ବାଗଦେବୀ କଳାମନ୍ଦିର' ଆନୁକୁଲ୍ୟରେ ଓଡିଆ ନବବର୍ଷ ଅବସରରେ ବିଶିଷ୍ଟ କଣ୍ଠଶିଳ୍ପିମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ସଂଯୋଜନା ଓ ପରିଚାଳନାରେ ବିଶିଷ୍ଟ କଣ୍ଠଶିଳ୍ପି ରଶ୍ମିରଞ୍ଜନ ପଣ୍ଡା, ବିନାୟକ ସୁତାର, ବିଦ୍ୟାଦର୍ଶିନୀ ମହାନ୍ତି, ପ୍ରିୟଙ୍କା ପତି,ମିଲି ସ୍ୱାଇଁ, ବର୍ଷାପ୍ରିୟଦର୍ଶିନୀ ପ୍ରମୁଖ ମନମୁଗ୍ଧକର ଭଜନ ପରିବେଷଣ କରି ନୂତନ ବର୍ଷକୁ ସ୍ୱାଗତ ସଂଗୀତ ଗାୟନକରି ଶ୍ରୋତାମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଓଡିଆର ପରିଚୟ ସୃଷ୍ଟିକରିଥିଲେ । ଡିଆପଡା ଗ୍ରାମର ସମାଜସେବୀ ତଥା ବୁଦ୍ଧିଜୀବି ଅଜୟ କୁମାର ପରିଡାଙ୍କ ସମେତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବର୍ଷା ସ୍ୱାଭାବିକ ହେବ : ଜୁନ ୨୦୨୨ପରେ ସଂକ୍ରାମକ ରୋଗରୁ ମୁକ୍ତି

ଭୁବନେଶ୍ୱର : ସ୍ଥାନୀୟ ବାଣୀବିହାର ସ୍ଥିତ ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଓଡିଆ ନବ ବର୍ଷ ଅବସରରେ ନବ ପିକାର ଶୁଭାରମ୍ଭ ହୋଇଛି । ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ପଣ୍ଡିତ ରଘୁନାଥ ଦାଶ କହିଛନ୍ତି ଯେ, ଦ୍ୱାଦଶାଦିତ୍ୟ ସୂର୍ଯ୍ୟଦେବ ଅପ୍ରେଲ ୧୪ ଦିବା ୧୦ଟା୫୮ମିନିଟରେ ସଂକ୍ରମଣ କରି ନୂତନ ଶକାବ୍ଦଃ ଅୟମାରମ୍ଭ କରିଛନ୍ତି। ଚଳିତ ବର୍ଷ ଶନି ରାଜା ହୋଇ ନ୍ୟାୟପୂର୍ଣ୍ଣ ତଥା କଠୋର ଦଣ୍ଡବିଧାନ କରିବେ। ମଙ୍ଗଳ ମନ୍ତ୍ରୀ, ବୁଧ ଗ୍ରହବିପ୍ର ଏବଂ ଶୁକ୍ର ପୁରୋଧା ଦାୟିତ୍ୱ ବହନ କରିବେ। ଫଳରେ ୨୦୨୧-୨୨ରେ ଜନସାଧାରଣ ସୁଖ ଭୋଗ କରିବେ। ଶସ୍ୟାନ୍ନ ଉତ୍ତମ ହେବ। ବର୍ଷା ୮୦ ଦିନ ହେବ। ସ୍ୱାଭାବିକ ବର୍ଷା ଯୋଗୁଁ ଓଡିଶାରେ କୃଷି ଅମଳ ଉତ୍ତମ ହେବ। ଜୁନରୁ ନଭେମ୍ବର ମାସ ମଧ୍ୟରେ ବନ୍ୟା,ବାତ୍ୟା ତଥା ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇ ଧନଜୀବନ ହାନୀ ହୋଇପାରେ । ରାଜ୍ୟ ରାଜନୀତିର ନୂଆ ସମୀକରଣ ସୃଷ୍ଟି ହେବ, ଯାହାକି ଶାସକ ଦଳକୁ ପ୍ରଭାବିତ କରିବ। ଶିକ୍ଷାରେ ବିଭ୍ରାନ୍ତ ଦେଖାଦେବ। ଯଦ୍ୱାରା ଛାତ୍ର ଆନ୍ଦୋଳନ ସୃଷ୍ଟି ହେବ। ଓଡିଶାର ଲୋକପ୍ରିୟ ସାହିତ୍ୟକ ଅଥବା ଜନନେତାଙ୍କ ବିୟୋଗ ରାଜ୍ୟବାସୀଙ୍କୁ ବ୍ୟଥିତ କରିବ। ଭୟାବହ ସଂକ୍ରାମକ ରୋଗ ବିରୋଧ ସଂଗ୍ରାମରେ ମାନବଜାତିର ବିଜୟ ହେବ। ଜୁନ ୨୦୨୨ ପରଠାରୁ ଏହି ରୋଗରୁ ବିଶ୍ୱବାସୀ ମୁକ୍ତି ପାଇବେ।ଦେଶ ରାଜନୀତିରେ ଶାସକ ଦଳର ବରିଷ୍ଠ ନେତାଙ୍କ ଭିତରେ ମତ ପାର୍ଥକ୍ୟ ଦେଖାଦେବ। ପ୍ରାଶାସନିକ ବ୍ୟବସ୍ଥା ସୁନିୟନ୍ତ୍ରିତ ଓ ସୁଦୃଢ ହେବ। ବିରୋଧି ସରକାରଙ୍କ କୃଷି ଓ ଆର୍ଥିକ ନୀତିକୁ ସମାଲେଚନା କରିବେ।ଶିଶୁ-ମହିଳା, କୃଷି,ଶିକ୍ଷା ତଥା ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଯୋଜନା ହେବ। ନୂଆ ପିଢିର ରାଜନେତାଙ୍କ ଅଭ୍ୟୁଦୟ ହେବ। ରାଜନୀତିରେ ଚିତ୍ରତାରକା, କ୍ରିଡାବିତଓ ବୈଜ୍ଞାନିକଙ୍କ ଆବିର୍ଭାବ ହେବ। ଜୁନରୁ ନଭେମ୍ବର ମଧ୍ୟରେ ଦଙ୍ଗା ଭଳି ସ୍ଥିତି ଉପୁଜିବ। ଅଗଷ୍ଟରୁ ନଭେମ୍ବର ଭିତରେ ଯାତ୍ରୀ ପରିବହନରେ ଦୁର୍ଘଟଣା ହୋଇପାରେ। ଲୋକପ୍ରିୟ ସିନେତାରକା ଅଥବା କ୍ରିଡାବିତଙ୍କ ବିୟୋଗରେ ଶୋକାକୁଳ ସ୍ଥିତି ଉପୁଜିପାରେ। ନଭେମ୍ବରରୁ ବର୍ଷ ଶେଷ ଯାଏଁ ଶାସକ ଦଳରେ ଅଡୁଆ ଲାଗି ରହିବ। ମଇରୁ ଜୁଲାଇ ଭିତରେ ବଡଧରଣର ଆତଙ୍କବାଦୀ ଆକ୍ରମଣ ହୋଇପାରେ। ପ୍ରବଳ ବର୍ଷା ସହ ଶୀତର ପ୍ରକୋପ ବଢିବ।ପଞ୍ଚଗ୍ରହକୂଟ ଯୋଗୁଁ ଦେଶରେ ବିପଦପୂର୍ଣ୍ଣ ସ୍ଥିତି ଆସିପାରେ।ବିଶ୍ୱରେ ଆମେରିକା, ବ୍ରିଟେନ, ରୁଷ, ଜର୍ମାନୀ, ଜାପାନ,ଚୀନ, ଉତ୍ତରକୋରିଆ ଦେଶ ମଧ୍ୟରେ ପ୍ରତିଯୋଗୀତା ଲାଗିରହିବ। ଶକ୍ତିଶାଳୀ ଦେଶମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ତୃତୀୟ ଶକ୍ତିର ଅଭ୍ୟୁଦୟ ହେବ। ଯୁକ୍ତ ରାଷ୍ଟ୍ର ଆମେରିକା ଓ ରୁଷ ମଧ୍ୟରେ ମତପାର୍ଥକ୍ୟ ଯୋଗୁଁ ବିଶ୍ୱରେ ଅଶାନ୍ତ ସୃଷ୍ଟି ହେବ। ଦେଶ-ଦେଶ ଭିତରେ ଯୁଦ୍ଧଭଳି ସ୍ଥିତି ସୃଷ୍ଟି ହେବ। ଇରାନ ଓ ଚୀନରେ ଆଭ୍ୟନ୍ତରୀୟ ଅଶାନ୍ତି ଦେଖାଦେବ। ନୂଆ ଉଦ୍ଭାବନ ସହ ଜଳବାୟୁ ଓ ପରିବେଶ ନିୟନ୍ତ୍ରଣରେ ରହିବ। ଜୁନରୁ ନଭେମ୍ବର ମଧ୍ୟରେ ବଡଧରଣର ପ୍ରାକୃତିକ ବିପର୍ଯ୍ୟୟ ହେବାର ସୂଚନା ରହିଛି। ପ୍ରବଳ ଶୀତ ଓ ହିମପାତ ହେବ। ଶାନ୍ତିପ୍ରିୟ ବିଶ୍ୱନେତାଙ୍କ ବିୟୋଗ ହେବାର ଯୋଗ ରହିଛି। ସୂଚନା ଯୋଗ୍ୟ ଯେ ପୂର୍ବରୁ ମହାବାତ୍ୟା,ଫାଇଲିନ, ହୁଡହୁଡ, ଫନି ଆଦିର ପିକା ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଥିଲା ବୋଲି ସଂପାଦକ ନିମାଇଁ ଚରଣ ଦାଶ, ମହେଶ୍ୱର ମହାପାତ୍ର, ଅଭିରାମ ନାୟକ, ବିଭୁ ଆଚାର୍ଯ୍ୟ ପ୍ରମୁଖ କହିଛନ୍ତି।

ଠିକାଦାରଙ୍କୁ ଛୁରି ଭୁସି ହତ୍ୟା

ଗଞ୍ଜାମ: ଗାଁ ଦାଣ୍ଡରେ ଠିକାଦାରଙ୍କୁ ଛୁରି ଭୁସି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଛି । ଏଭଳି ଏକ ନୃସଂଶ ହତ୍ୟାକାଣ୍ଡ ଘଟିଯାଇଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ. ବରିଡ଼ା ଗ୍ରାମରେ । ବକେୟା ୨ ହଜାର ଟଙ୍କା ନଦେବାରୁ ଠିକାରଙ୍କୁ ହତ୍ୟା କରିଛି ଶ୍ରମିକ। ଭାଟପଡ଼ା ଗ୍ରାମର ଟୁକୁନା ଛଟେଇ ଠିକାଦାର ଭାବେ କାମ କରି ଏହି ଅଂଚଳରୁ ଆନ୍ଧ୍ରକୁ ଶ୍ରମିକ ପଠାଇଥାଏ । ଏ. ବରିଡ଼ା ଗ୍ରାମର ରାଧାକୃଷ୍ଣ ସାହୁ (୧୯) ଶ୍ରମିକ ଭାବେ ଠିକାଦାରଙ୍କ ମାଧ୍ୟମରେ ଯାଇଥିଲା କିନ୍ତୁ, ସେ ୨ ହଜାର ଟଙ୍କା ପ୍ରାପ୍ୟ ପାଇବାକୁ ଥିବାବେଳେ ଠିକାଦାର ଟୁକୁନାଙ୍କୁ ବାରମ୍ବାର ମାଗି ନିରାଶ ହେବା ପରେ ଆଜି ସକାଳେ ଟୁକୁନା ଶ୍ରମିକ ସଂଗ୍ରହ ପାଇଁ ଗୋବିନ୍ଦପୁର ଆସିଥିବା ଜାଣି ରାଧାକୃଷ୍ଣ ବରିଡ଼ା ଗ୍ରାମ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଗି ରହି ଏବଂ ତାକୁ ଅଟକାଇ ବକେୟା ଟଙ୍କା ମାଗିଥିଲା ।

ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଅବଧି ଦୁଇ ଦିନ ବୃଦ୍ଧି

ଗଞ୍ଜାମ: ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଅବଧିକୁ ଦୁଇ ଦିନ ବୃଦ୍ଧି କରିଛି ପ୍ରଶାସନ । ତଦନୁଯାୟୀ ସୋମବାର ରାତିରେ ଅସ୍ଥାୟୀ ମଣ୍ଡପରୁ ମନ୍ଦିରକୁ ମାଙ୍କ ପ୍ରତ୍ୟାବର୍ତନ ହେବ । ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଅବଧିକୁ ନେଇ ଚାଲିଥିବା ତର୍ଜମା ଶେଷରେ ନିଷ୍ପତି ଅନୁଯାୟୀ ମାଙ୍କ ଯାତ୍ରା ଅବଧି ପୂର୍ବରୁ ଆସନ୍ତା କାଲି ଶେଷ ହେବାକୁ ଥିବା ବେଳେ ଏହାକୁ ଆଉ ଦୁଇ ଦିନ ବୃଦ୍ଧି କରିଛି ପ୍ରଶାସନ । ଆସନ୍ତା ସୋମବାର ମଧ୍ୟ ରାତ୍ରରେ ଫେରିବେ । ନିୟମ ଅନୁଯାୟୀ ମା ବାପଘରୁ ଆସିବାର କୌଣସି ସଠିକ୍ ବାର ନଥିବା ବେଳେ ପ୍ରତ୍ୟାବର୍ତନ ବେଳେ ସୋମବାର ରାତି ଓ ମଙ୍ଗଳବାର ଭୋରରୁ ମନ୍ଦିରରେ ପ୍ରବେଶ କରିବାର ବିଧି ରହିଛି । ମଙ୍ଗଳବାର ଦିନ ମାଙ୍କ ବାର । ଏହି ଦିନ ମାଙ୍କ ପୂଜାର୍ଚ୍ଚନା କରିବା ସହ ମାନସିକ ବ୍ରତଧାରୀଙ୍କ ବ୍ରତ ପୂଜା ଅନୁଷ୍ଠିତ ହୋଇଥାଏ । ଏହା ସହ ସମସ୍ତ ଦେବୀ ମନ୍ଦିରରେ ବଳୀଭୋଗ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥାଏ । ମା ବୁଢ଼ୀ ଠାକୁରାଣୀ ବାପଘରକୁ ଯାତ୍ରା ବେଳେ ମନ୍ଦିରରେ ମାଙ୍କ ସହ ଥିବା ସମସ୍ତ ଚଣ୍ଡିଚାମୁଣ୍ଡା ଓ ଚଉଷଠି ଯୋଗିନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାପଘରୁ ଆସିଥିବା ସମସ୍ତ ଭାର ପ୍ରଦାନ କରିବା ସହ ବଳୀ ଭୋଗ ଅର୍ପଣ କରାଯାଇଥାଏ । ଅନ୍ୟ ଦିନରେ ଯଦିଓ ବଳିଭୋଗ କରାଯାଏ, ତେବେ ମଙ୍ଗଳବାର ଦିନ ପୂଜାର୍ଚ୍ଚନା କଲେ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ସର୍ବଦା ମାଙ୍କ ପ୍ରତ୍ୟାବର୍ତନ ମଙ୍ଗଳବାରକୁ ଦେଖି ତିଥି ନିର୍ଣ୍ଣୟ କରାଯାଇଥାଏ । ଚଳିତ ବର୍ଷ କରୋନା ଯୋଗୁଁ ମାଙ୍କ ଆଗମନ ନେଇ ସିଦ୍ଧାନ୍ତୀ (ଜ୍ୟୋତିଷ) ଶୁଭ ବେଳା ପ୍ରଦାନ କରିଥିବା ବେଳେ ମାଙ୍କ ପ୍ରତ୍ୟାବର୍ତନ ପ୍ରଶାସନ ଉପରେ ନିର୍ଭର କରୁଥିବା ଯୋଗୁଁ ଶୁଭବେଳା ନିର୍ଣ୍ଣୟ କରାଯାଇନଥିଲା । ଏଥିନେଇ ସାଧାରଣ ଜନତା ମଧ୍ୟ ଦ୍ୱନ୍ଦରେ ରହିଥିଲେ । କଟକଣା ଯୋଗୁଁ ଚଳିତ ବର୍ଷ ବହୁ ବ୍ୟତିକ୍ରମ ହୋଇଥିବା ବେଳେ ମାଙ୍କ ପ୍ରତ୍ୟାବର୍ତନ ବେଳେ ମଧ୍ୟ କିଛି ସମସ୍ୟା ରହିପାରେ ବୋଲି ମନରେ ସନ୍ଦେହ ରହିଥିଲା । ହେଲେ ପରବର୍ତି ସମୟରେ ଯାତ୍ରା ପୁରୋଧା ଦୁର୍ଗାପ୍ରସାଦ ଦେଶି ବେହେରାଙ୍କ ଅନୁରୋଧ କ୍ରମେ ପ୍ରଶାସନ ପକ୍ଷରୁ ଯାତ୍ରା ଅବଧିକୁ ଦୁଇ ଦିନ ବୃଦ୍ଧି କରାଯିବା ସହିତ ଆସନ୍ତା ସୋମବାର ରାତିରେ ମାଙ୍କ ପ୍ରତ୍ୟାବର୍ତନ ପାଇଁ ଅନୁମତି ପ୍ରଦାନ କରାଯାଇଛି ବୋଲି ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି ।

ଘଟଗାଁ ତାରିଣୀଙ୍କ ଉଦ୍ଦେଶ୍ୟରେ ଭକ୍ତ ପଠାଉଥିବା ନଡ଼ିଆ ମା ଦ୍ୱାରଶୁଣୀଙ୍କ ଠାରେ ପିଟାଯାଉଛି : ଭକ୍ତଙ୍କ ଭାବାବେଗ ସହିତ ଖେଳ !

ଘଟଗାଁ/ହରିଚନ୍ଦନପୁର: କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ଘଟଗାଁସ୍ଥିତ ମା ତାରଣୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରରୁ ମଧ୍ୟ ଶ୍ରଦ୍ଧାଳୁ ମାନେ ନଡ଼ିଆ ଓ ସାଲୁକନାରେ ବନ୍ଧା ଯାଇଥିବା ଦକ୍ଷିଣା ପଠାଇଥାନ୍ତି । ମାନସିକ ଧାରୀ ମାନେ ଏହାକୁ ସେମାନଙ୍କ ଅଂଚଳରୁ ଘଟଗାଁ ଅଭିମୁଖେ ଆସୁଥିବା ବିଭିନ୍ନ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନର ଡ୍ରାଇଭରଙ୍କ ମାଧ୍ୟମରେ ପଠାଇଥାନ୍ତି । ତେବେ ଏହି ଭୋଗ ନଡ଼ିଆ ମା ତାରିଣୀଙ୍କ ନିକଟରେ ପହଂଚି ପାରୁନଥିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି । ଯଦି ଏହା ସତ୍ୟ ହୋଇଥାଏ, ତେବେ ସାଙ୍ଘାତିକ । ତେବେ ତଥ୍ୟ ନେବାରେ ଜଣାପଡିଛି, ଏହି ନଡ଼ିଆ ମନ୍ଦିର ପରିସରରେ ମାଙ୍କ ଦ୍ୱାରପାଳ ଭାବେ ପୂଜା ପାଉଥିବା ମା ଦ୍ୱାରଶୁଣୀଙ୍କ ନିକଟରେ ପିଟାଯାଇଥାଏ । ମା ଦ୍ୱାରଶୁଣୀଙ୍କ ଏହି ମନ୍ଦିର ମା ତାରିଣୀଙ୍କ ଗର୍ଭଗୃହ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଅବସ୍ଥିତ । ଯାହାକି ମନ୍ଦିର ମୁଖ୍ୟ କ୍ୟାମ୍ପସ୍ ପରିସରରେ ରହିଛି । ୧୯୯୫ ମସିହାରେ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ପର ଠାରୁ ମା ଦ୍ୱାରଶୁଣୀଙ୍କ ନିକଟରେ ପିଟା ଯାଉଛି ମାନସିକଧାରୀଙ୍କ ନଡ଼ିଆ । ଯାହାକି ଭକ୍ତଙ୍କ ଭାବାବେଗ ସହିତ ଖେଳ ନୁହେଁକି ବୋଲି କେତେକ ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି । ତେଣୁ ମାନସିକ ଧାରୀ ମାନେ ମା ତାରିଣୀଙ୍କ ନିମନ୍ତେ ପଠାଉଥିବା ଏହି ନଡ଼ିଆ ମାଙ୍କ ନିକଟରେ ପିଟାଯିବା ନିମନ୍ତେ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ବ୍ୟବସ୍ଥା କରୁ ଅନ୍ତତଃ ଭକ୍ତଙ୍କ ଭାବାବେଗ ସହିତ ଏଭଳି ଖେଳ ନଖେଳାଯାଉ ବୋଲି ଶ୍ରଦ୍ଧାଳୁ ଓ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି । ସେହିପରି ଭୋଗ ସହିତ ଦକ୍ଷିଣା ବାବଦ ଆସୁଥିବା ଟଙ୍କା ଠିକ୍ ଭାବେ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ନିକଟରେ ଜମା ହେଉଛି କି ନାହିଁ ତାର ମଧ୍ୟ ତଦନ୍ତର ଆବଶ୍ୟକତା ରହିଛି । ଏବଂ ଯଦି ଏଥିରେ କୌଣସି ଅନିୟମିତା ସାମ୍ନାକୁ ଆସେ ତେବେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା

କଳପଡା ଗ୍ରାମପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ମହାସଙ୍ଘ ଗଠନରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଳପଡା ଗ୍ରାମପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ମହାସଙ୍ଘ ଗଠନରେ ଅନିୟମିତତା ହୋଇଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କଳପଡା ପଞ୍ଚାୟତର ଚୁବିହୁଡା, ଖସାଡି, ଛଗରିଆ, କଳପଡା ପ୍ରଭୃତି ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଭାନେତ୍ରୀ ଓ ସମ୍ପାଦିକାମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ପଞ୍ଚାୟତରେ ଦୀର୍ଘଦିନ ଧରି ପଞ୍ଚାୟତ ସ୍ତରୀୟ ମହାସଙ୍ଘ ନାହିଁ। ମାତ୍ର ଗତକିଛି ଦିନ ତଳେ କଳପଡା ଗ୍ରାମପଞ୍ଚାୟତ ସଭାଗୃହରେ ସରକାରୀ ଅଧିକାରୀଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ବୈଠକ ହୋଇ ପଞ୍ଚାୟତ ସ୍ତରୀୟ ମହାସଙ୍ଘ ଗଠନ ହୋଇଥିଲା। କ୍ଲଷ୍ଟର ଗଠନରେ ବେଆଇନ ଭାବେ କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସେଥିରୁ ବାଦ ଦିଆଯାଇଥିଲା। ମହାସଙ୍ଘ ଗଠନ ଓ ସଭାପତି ଏବଂ ସମ୍ପାଦିକା ଚୟନ ମନମୁଖି ତଥା ଏକଚ